# ଅନିଶ୍ଚିତତା ଭିତରେ ତାଳଚେର-ବିମଳାଗଡ଼ ରେଳପଥ କାର୍ଯ୍ୟ

**ଅନୁଗୋଳ, ୧୨।୫(ସମିସ)**

ପଦ୍ମ ଘୁଞ୍ଚି ଘୁଞ୍ଚି ଗଲା ପରି ମନ୍ଥର ଗତିରେ ଚାଲିଛି ତାଳଚେର- ବିମଳାଗଡ଼ ରେଳପଥ କାର୍ଯ୍ୟ। କେନ୍ଦ୍ର ସରକାରଙ୍କ ପ୍ରତିଶ୍ରୁତି ଏଠି ପାଲଟିଛି ପାଣିର ଗାର। ଧାର୍ଯ୍ୟ ସମୟ ମଧ୍ୟରେ ରେଳପଥ କାର୍ଯ୍ୟ ନ ସରିବା ଯୋଗୁଁ ଅଞ୍ଚଳବାସୀଙ୍କ ମଧ୍ୟରେ ବଢ଼ୁଛି କୋଇଲା ଖଣି, ଶିଳ୍ପ ଏବଂ କଳ କାରଖାନା। ଖଣି ଏବଂ କଳ କାରଖାନା ଯୋଗୁଁ ବାପା ଜେଜେବାପା ଅମଳର ଭିଟାମାଟିକୁ ହରାଇ ବିସ୍ଥାପିତ ହୋଇଛନ୍ତି ସ୍ଥାନୀୟ ଲୋକେ। କିନ୍ତୁ ସାଧାରଣ ଜନତାଙ୍କୁ ଏଠି ମିଳୁଛି କୋଇଲା ଖଣି ଏବଂ କଳ କାରଖାନାରୁ ନିର୍ଗତ ଧୂଳି ଧୂଆଁ। କେନ୍ଦ୍ର ସରକାର ତାଳଚେରରୁ ଦୈନିକ କୋଟି କୋଟି ଟଙ୍କାର ରାଜସ୍ୱ ନେଉଥିଲେ

- **କେନ୍ଦ୍ର ସରକାରଙ୍କ ପ୍ରତିଶ୍ରୁତି ପାଣିରଗାର**
- **ଭିତ୍ତିଭୂମି ସତ୍ତ୍ୱେ କଣିହାଁକୁ ଗଡ଼ିପାରୁନି ଟ୍ରେନ୍**
- **ନିଜ ଗାଁକୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ରଙ୍କ ଉପେକ୍ଷା**

ଅସନ୍ତୋଷ। ତାଳଚେର ପ୍ରତି ରହିଥିବା କେନ୍ଦ୍ରର ଅବହେଳା ସ୍ପଷ୍ଟ ବାରି ହୋଇପଡୁଛି ଏହି ରେଳପଥ କାର୍ଯ୍ୟରୁ। କଳାହୀରାର ସହର ତାଳଚେର ଦୀର୍ଘ ବର୍ଷ ଧରି ଅର୍ଥନୈତିକ ମାନଚିତ୍ରରେ ନିଜର ସ୍ୱତନ୍ତ୍ର ସ୍ଥାନ ବଜାୟ ରଖିଛି। ଏଠି ଭରିରହିଛି ଏକାଧିକ ମଧ୍ୟ ତାଳଚେର ପ୍ରତି ବୈମାତୃକ ମନୋଭାବ ଦେଖାଇଆସୁଛି। ଏଠି ବିଭିନ୍ନ ମୌଳିକ ସୁବିଧାରୁ ବଞ୍ଚିତ ତାଳଚେରବାସୀ। ପ୍ରତିଟି କ୍ଷେତ୍ରରେ ତାଳଚେରବାସୀଙ୍କୁ ସହିବାକୁ ପଡୁଛି କେନ୍ଦ୍ରର ପ୍ରତାରଣା। ତାଳଚେର ସାର କାରଖାନାଠାରୁ ଆରମ୍ଭ କରି ଘଣ୍ଟପଡ଼ା ରେଲୱେ ଓଭରବ୍ରିଜ୍ କିମ୍ବା ତାଳଚେର ଥର୍ମାଲ ପାୱାର ଷ୍ଟେସନଠାରୁ ଜାତୀୟ ରାଜପଥ ପର୍ଯ୍ୟନ୍ତ ସବୁଠି ଅଧାପନ୍ତରିଆ ହୋଇ ପଡ଼ିରହିଛି କାର୍ଯ୍ୟ। ତାଳଚେର- ବିମଳାଗଡ଼ ରେଳପଥ କାର୍ଯ୍ୟ ମଧ୍ୟ ଅନ୍ୟତମ। ପାସେଞ୍ଜର ଟ୍ରେନ ଭଳି ଧୁକେଇ ଧୁକେଇ ଚାଲିଛି ତାଳଚେର- ବିମଳାଗଡ଼ ରେଳପଥ ନିର୍ମାଣ କାର୍ଯ୍ୟ। ୧୯୬୯ ମସିହାରୁ ଏହି ପ୍ରକଳ୍ପ ପାଇଁ ଆନ୍ଦୋଳନ ହୋଇଆସୁଥିବା ବେଳେ ୨୦୦୨ ମସିହାରେ ପ୍ରସ୍ତାବ ଗୃହୀତ ହୋଇ ବଜେଟ ବ୍ୟବସ୍ଥା କରାଯାଇଥିଲା। ୨୦୦୩-୦୪ ଆର୍ଥିକ ବର୍ଷରୁ ଏହାର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। କିନ୍ତୁ ଆଜକୁ ୨୦ ବର୍ଷ ବିତିଯାଇଥିଲେ ହେଁ ସମଲ ଷ୍ଟେସନ ପର୍ଯ୍ୟନ୍ତ ମାତ୍ର ୩୩.୯୨୦ କିମି କାର୍ଯ୍ୟ ଶେଷ ହୋଇଛି। ତାଳଚେରରୁ ଦେବଗଡ଼, ସୁନ୍ଦରଗଡ଼ ଦେଇ ଯିବାକୁଥିବା ବିମଳାଗଡ଼ ଷ୍ଟେସନର ଦୂରତା ପ୍ରାୟ ୧୪୯.୭୮୦ କିଲୋମିଟର ହୋଇଥିବା ବେଳେ ୨୦୦୭-୦୮ ମସିହାରେ ତାଳଚେରଠାରୁ ସୁନାଖଣି ଷ୍ଟେସନ ପର୍ଯ୍ୟନ୍ତ ମାତ୍ର ୧୭.୬୨ କିମି କାର୍ଯ୍ୟ ଶେଷ ହୋଇଥିଲା। ପରେ ୨୦୦୮ ରୁ ଆଜକୁ ୧୬ ବର୍ଷ ଭିତରେ କାମ ଆଗେଇଛି ମାତ୍ର ୧୬.୩୦ କିମି (ସମଲ ଷ୍ଟେସନ ପର୍ଯ୍ୟନ୍ତ)। ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ, ତାଳଚେର ପ୍ରେମାନନ୍ଦ ଉର୍ମାଙ୍କ ସୂଚନା ଅନୁଯାୟୀ ତାଳଚେର ଠାରୁ ଅନୁଗୋଳ ଜିଲ୍ଲାର ସୀମା ଜୟପୁରା ପର୍ଯ୍ୟନ୍ତ ବେସରକାରୀ ଜମି ଅଧିଗ୍ରହଣ କାର୍ଯ୍ୟ ଶେଷ ହୋଇଛି। ଅନୁଗୋଳ ଜିଲ୍ଲାର ପ୍ରାୟ ୬୭ ଗ୍ରାମର ୫୪୯.୮୬୫ ଏକର ଜମି ଅଧିଗ୍ରହଣ ସରିଛି। ଜମି ଅଧିଗ୍ରହଣ ହେବା ସତ୍ତ୍ୱେ ରେଳପଥ ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ ନ କରି ବାରମ୍ବାର କେନ୍ଦ୍ରୀୟ ନେତାମାନେ ଜମି ଅଧିଗ୍ରହଣକୁ ଢାଲ କରି ନିର୍ବାଚନ ବୈତରଣୀ ପାର୍ ହେବାକୁ ଚେଷ୍ଟା କରୁଛନ୍ତି। ସବୁଠାରୁ ଦୁଃଖର ବିଷୟ ତାଳଚେରର କଣିହାଁ ଠାରେ ଏସିଆ ମହାଦେଶର ଦ୍ୱିତୀୟ ବୃହତ୍ ତାପଜ ବିଦ୍ୟୁତ କେନ୍ଦ୍ର ଏନଟିପିସି ଥିବା ବେଳେ କଣିହାଁ କିମ୍ବା ଏନଟିପିସି ଅଞ୍ଚଳବାସୀଙ୍କ ପାଇଁ ଯାତ୍ରୀବାହୀ ଟ୍ରେନ ସ୍ୱପ୍ନ ପାଲଟିଛି। ଭିତ୍ତିଭୂମି ଥାଇ ମଧ୍ୟ ଟ୍ରେନ ଚଳାଚଳ ପାଇଁ କେନ୍ଦ୍ର ସରକାର ଇଚ୍ଛା ପ୍ରକାଶ କରୁନାହାନ୍ତି। କଣିହାଁ ବ୍ଲକ ଅନ୍ତର୍ଗତ ଅଧିବାସୀମାନେ ଟ୍ରେନ ପାଇଁ ତାଳଚେର କିମ୍ବା ତାଳଚେର ରୋଡ୍ ଷ୍ଟେସନ ଉପରେ ନିର୍ଭର କରୁଛନ୍ତି, ଯାହା କେନ୍ଦ୍ର ସରକାରଙ୍କ ଅପାରଗତାକୁ ସ୍ପଷ୍ଟ କରୁଛି। କଣିହାଁ ବ୍ଲକ ଅନ୍ତର୍ଗତ ନାଲମ ଗ୍ରାମ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଗ୍ରାମ ହୋଇଥିବା ବେଳେ ନିଜ ଗାଁ ପାଇଁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କ'ଣ କରିଛନ୍ତି ବୋଲି ଅଞ୍ଚଳବାସୀ ପ୍ରଶ୍ନ କରିଛନ୍ତି। କେବଳ ନିର୍ବାଚନ ଆସିଲେ କେନ୍ଦ୍ରୀୟ ନେତାମାନଙ୍କ ତାଳଚେର ବିକାଶ କଥା ମନେପଡ଼େ। ରାଜ୍ୟ ସରକାରଙ୍କୁ ଦୋଷ ଦେଇ ସେମାନେ ନିର୍ବାଚନ ବୈତରଣୀ ପାର ହେବା ପାଇଁ ଚେଷ୍ଟା କରନ୍ତି। କିନ୍ତୁ ସାଧାରଣ ଭୋଟର କେନ୍ଦ୍ରର ଓଡ଼ିଶା ପ୍ରତି ଥିବା ଅବହେଳାକୁ ଆଖି ଆଗରେ ରଖି ଏଥର ଭୋଟରେ ଜବାବ ଦେବା ନେଇ ପ୍ରକାଶ କରିଛନ୍ତି। କେବେ ତାଳଚେରରୁ ବିମଳାଗଡ଼ ରେଳପଥ କାର୍ଯ୍ୟ ଶେଷ ହେବ ଓ ଟ୍ରେନ ଗଡ଼ିବ, ତାହା ସମୟ କହିବ।




| | |
|---|---|
| Length of project | 150 Km |
| Latest anticipated cost | ₹1928 Cr. |
| Expenditure upto Mar'2021 | ₹865 Cr. |
| Outlay 2021-22 | ₹117 Cr. |
| Commissioned | 20 Km (Talcher Sunakhani) |













# ଅନୁଗୋଳ ସହରରେ ଆଜି କାର୍ତ୍ତିକ ପାଣ୍ଡିଆନଙ୍କ ରୋଡ୍ ଶୋ'

**ଅନୁଗୋଳ, ୧୨।୫(ସମିସ)**

ବରିଷ୍ଠ ବିଜେଡି ନେତା କାର୍ତ୍ତିକ ପାଣ୍ଡିଆନ ସୋମବାର ଅନୁଗୋଳ ଜିଲ୍ଲା ଗସ୍ତରେ ଆସୁଛନ୍ତି। ଏନେଇ ବ୍ୟାପକ ପ୍ରସ୍ତୁତି କରାଯାଇଛି। ଶ୍ରୀଯୁକ୍ତ ପାଣ୍ଡିଆନ ସୋମବାର ଦିନ ୧୦ଟା ବେଳେ ଭୁବନେଶ୍ୱର ଏୟାରପୋର୍ଟରୁ ହେଲିକପ୍ଟର ଯୋଗେ ଆସି ହିନ୍ଦୋଳରେ ଏକ ସାଧାରଣ ସଭାରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ସେଠାରୁ ପୁଣି କାମାକ୍ଷାନଗର ଆସି ୧୧ଟା ୪୫ରେ ଆଉ ଏକ ସାଧାରଣ ସଭାରେ ଯୋଗଦେବେ। ତା'ପରେ ୧୨ଟା ୪୦ରେ ପରଜଙ୍ଗଠାରେ ଏକ ସାଧାରଣ ସଭାରେ ଯୋଗଦେବେ। ସେଠାରୁ ପୁଣି ହେଲିକପ୍ଟର ଯୋଗେ ଅନୁଗୋଳ ଜିଲ୍ଲା ପାଲଲହଡ଼ା ନିର୍ବାଚନମଣ୍ଡଳୀକୁ ଆସି ସେଠାରେ ଅନୁଷ୍ଠିତ ସାଧାରଣ ସଭାରେ ଯୋଗଦେଇ ଜନସାଧାରଣଙ୍କୁ ଉଦବୋଧନ ଦେବେ। ସେଠାରୁ ୪ଟା ୪୦ରେ ତାଳଚେର ନିର୍ବାଚନମଣ୍ଡଳୀର ହାଣ୍ଡିଧୁଆ ଖେଳପଡ଼ିଆ ଠାରେ ଆୟୋଜିତ ସାଧାରଣ ସଭାରେ ଜନସାଧାରଣଙ୍କୁ ଉଦବୋଧନ ଦେବାର କାର୍ଯ୍ୟକ୍ରମ

- **ବିଜୁ ଜନତା ଦଳର ନେତା, କର୍ମୀ ଓ ସାଧାରଣ ଜନତା ଉତ୍ସାହିତ**
- **ହିନ୍ଦୋଳ, କାମାକ୍ଷାନଗର, ପରଜଙ୍ଗ, ପାଲଲହଡ଼ା ଓ ତାଳଚେରରେ ସାଧାରଣ ସଭା**

ରହିଛି। ପୁଣି ଶ୍ରୀଯୁକ୍ତ ପାଣ୍ଡିଆନ ସେଠାରୁ ୫ଟା ୩୫ରେ ଅନୁଗୋଳ ନିର୍ବାଚନମଣ୍ଡଳୀର ଅନୁଗୋଳ ଷ୍ଟାଡିୟମରେ ପହଞ୍ଚିବା ପରେ ଅନୁଗୋଳ ସହରରେ ଏକ ରୋଡ୍ ଶୋ' କରାଯିବ। ଶ୍ରୀଯୁକ୍ତ ପାଣ୍ଡିଆନଙ୍କ ରୋଡ୍ ଶୋ କମଲେଶ ହୋଟେଲ ଛକରୁ ବାହାରି ରାଜ୍ ହୋଟେଲ ଛକ ଓ ତା'ପରେ ଅମଲାପଡ଼ା ମୋହନ ସାହୁ ଛକଦେଇ ବାଳିକା ଉଚ୍ଚ ବିଦ୍ୟାଳୟ, ଶାନ୍ତି ହୋଟେଲ, ରାଜା ଛକ, ବଜାର ଛକ, ହରିମହୁରୀ ଛକ, ହୁଲୁରିସିଂହା ଛକ, ଘନ ସାହୁ ଛକ, ହେମସୁରପଡ଼ା ଛକ, ଡିଆଇସି ଛକ ଦେଇ ରାଜା ଛକଠାରେ ପହଞ୍ଚିବାର କାର୍ଯ୍ୟକ୍ରମ ରହିଛି। ତେବେ ଶ୍ରୀଯୁକ୍ତ ପାଣ୍ଡିଆନଙ୍କ ଅନୁଗୋଳ ଜିଲ୍ଲାକୁ ନିର୍ବାଚନୀ ଗସ୍ତ କାର୍ଯ୍ୟକ୍ରମ ଏବଂ ଅନୁଗୋଳ ସହରରେ ଶ୍ରୀଯୁକ୍ତ ପାଣ୍ଡିଆନଙ୍କ ହେବାକୁ ଥିବା ରୋଡ୍ ଶୋ ପାଇଁ ବିଜୁ ଜନତା ଦଳର ନେତା, କର୍ମୀ ଓ ଜନସାଧାରଣଙ୍କ ମଧ୍ୟରେ ଉତ୍ସାହ ଲାଗିରହିଥିବା ଦେଖିବାକୁ ମିଳିଛି।

# ବିଜେଡି ସାଂସଦ ଏବଂ ବିଧାୟକ ପ୍ରାର୍ଥୀଙ୍କ ମାରାଥନ ପ୍ରଚାର



**ପାଲଲହଡ଼ା, ୧୨।୫(ସମିସ):** ରବିବାର ବିଜୁ ଜନତା ଦଳ ପକ୍ଷରୁ ପାଲଲହଡ଼ା ନିର୍ବାଚନ ମଣ୍ଡଳୀର ବିଭିନ୍ନ ପଞ୍ଚାୟତରେ ୨୦୨୪ ସାଧାରଣ ନିର୍ବାଚନ ପାଇଁ ମାରାଥନ ପ୍ରଚାର କରାଯାଇଛି। ଢେଙ୍କାନାଳ ଲୋକସଭା ସାଂସଦ ପ୍ରାର୍ଥୀ ଡ଼. ଅବିନାଶ ସାମଲ ଏବଂ ପାଲଲହଡ଼ା ବିଧାୟକ ପ୍ରାର୍ଥୀ ମୁକେଶ କୁମାର ପାଳ ନିର୍ବାଚନମଣ୍ଡଳୀର ଶିଗଡ଼, ବାଲିପଶି, ଚଷାଗୁରୁଜାଙ୍ଗ ଓ ପବିତ୍ରପୁର ପଞ୍ଚାୟତର ପ୍ରତ୍ୟେକ ଗାଁ ବୁଲି ଘରକୁ ଘର ଯାଇ ପ୍ରଚାର କରିଥିଲେ। ଶ୍ରୀ ସାମଲ ଏବଂ ଶ୍ରୀ ପାଳ ବିଭିନ୍ନ ଲୋକଙ୍କ ସହ ମିଶି ବିଜୁ ଜନତା ଦଳ ସପକ୍ଷରେ ଭୋଟ ଭିକ୍ଷା କରିଥିଲେ। ଓଡିଶାର ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଷଷ୍ଠ ଥର ମୁଖ୍ୟମନ୍ତ୍ରୀ କରିବା ପାଇଁ ଯୋଡ଼ି ଶଙ୍ଖରେ ମୋହର ମାରିବାକୁ ଜନସାଧାରଣ ଉତ୍ସାହିତ ଥିବା ଦେଖିବାକୁ ମିଳିଥିଲା। ବିଜେଡିର ଶତାଧିକ କର୍ମୀ ବାଇକ୍ ରାଲିରେ ବିଧାୟକ ଏବଂ ସାଂସଦଙ୍କୁ ପାଛୋଟି ନେଇ ପ୍ରଚାର କାର୍ଯ୍ୟକୁ ତ୍ୱରାନ୍ୱିତ କରିଥିଲେ। ମହିଳାଙ୍କ ସମେତ ଗ୍ରାମବାସୀ ଉଭୟ ପ୍ରାର୍ଥୀଙ୍କୁ ବନ୍ଦାପନା କରି ଘରକୁ ଘର ବୋଲାଉଥିବା ଦେଖିବାକୁ ମିଳିଥିଲା।

## ବିଜେପି ଲିଗାଲ ସେଲ୍‌ର ପ୍ରଥମ ଜିଲ୍ଲାସ୍ତରୀୟ ସମ୍ମିଳନୀ

**ଅନୁଗୋଳ, ୧୨।୫(ସମିସ) :** ଆଜି ବିଶ୍ୱ ମାତୃତ୍ୱ ଦିବସରେ ବିଜେପି ଲିଗାଲ ସେଲ୍ ଅନୁଗୋଳ ଜିଲ୍ଲାର ପ୍ରଥମ ଜିଲ୍ଲାସ୍ତରୀୟ ସମ୍ମିଳନୀ ଅନୁଗୋଳ ଜିଲ୍ଲା ବିଜେପି କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏହାକୁ ପରିଚାଳନା କରିଥିଲେ ଅନୁଗୋଳର ବରିଷ୍ଠ ଆଇନଜୀବୀ ହେମନ୍ତ କୁମାର ସାହୁ। ମଞ୍ଚାସୀନ ଅତିଥି ରୂପେ ବିଜେପି ଜିଲ୍ଲା ସଭାପତି ଦିଲେଶ୍ୱର ପ୍ରଧାନ, ସାଂସଦ ପ୍ରାର୍ଥୀ ରୁଦ୍ର ନାରାୟଣ ପାଣି, ଅନୁଗୋଳ ନିର୍ବାଚନ ମଣ୍ଡଳୀର ବିଧାନସଭା ପ୍ରାର୍ଥୀ ପ୍ରତାପ କୁମାର ପ୍ରଧାନ, ଜିଲ୍ଲା ବିଜେପି ସାଧାରଣ ସମ୍ପାଦକ ଭବାନୀ ଜ୍ୟୋତିଷ ରାୟ, ବିଜେପି ଜିଲ୍ଲା ସାଧାରଣ ସମ୍ପାଦକ ତଥା ବରିଷ୍ଠ ଆଇନଜୀବୀ ସୋମନାଥ ରାଉତ, ତାଳଚେରର ମହିଳା ଆଇନଜୀବୀ ପ୍ରଭାସିନି ଆଚାର୍ଯ୍ୟ, ବିଜେପି ଲିଗାଲ ସେଲର ଜିଲ୍ଲା ସଂଯୋଜକ ଆଇନଜୀବୀ ଅର୍ଜୁନ କୁମାର ମୁଦୁଲି ଯୋଗଦେଇଥିଲେ। ସଭାରେ ଅନୁଗୋଳ, ତାଳଚେର, ଆଠମଲ୍ଲିକ, ପାଲଲହଡ଼ା ଏବଂ ଛେଣ୍ଡିପଦାରୁ ଶତାଧିକ ଆଇନଜୀବୀ ଯୋଗ ଦେଇଥିଲେ।

# ପାଲଲହଡ଼ାରେ ମୁକେଶଙ୍କ ଜୋରଦାର ପ୍ରଚାର

**ତାଳଚେରସହର, ୧୨।୫(ସମିସ):** ବିଜୁ ଜନତା ଦଳ ପକ୍ଷରୁ ପାଲଲହଡ଼ା ନିର୍ବାଚନ ମଣ୍ଡଳୀରେ ବିଧାୟକ ପ୍ରାର୍ଥୀ ମୁକେଶ ପାଳ ବିଭିନ୍ନ ସ୍ଥାନରେ ସମର୍ଥକମାନଙ୍କୁ ନେଇ ପ୍ରଚାର ଜାରି ରଖିଛନ୍ତି। ବହୁସଂଖ୍ୟକ ସମର୍ଥକ ଏହି ପ୍ରଚାରରେ ଯୋଗଦେଇ ପୁନଶ୍ଚ ମୁକେଶ ପାଳଙ୍କୁ ବିଧାୟକ ଭାବେ ଦେଖିବାକୁ ଚାହୁଁଥିବା ପ୍ରକାଶ କରିଛନ୍ତି। ପାଲଲହଡ଼ା ବିଧାନସଭା କ୍ଷେତ୍ରକୁ ବିଜେଡିର ଗଡ଼ କୁହାଯାଉଥିବା ବେଳେ ୨୦୦୯ ମସିହାରୁ ୨୦୨୪ ପର୍ଯ୍ୟନ୍ତ ତିନି ତିନି ଥର ବିଜେଡି ବାଜିମାତ କରିଛି। ପାଲଲହଡ଼ା ବିଧାନସଭା କ୍ଷେତ୍ରର ଆଉ ଏକ ବିଶେଷତ୍ୱ ହେଉଛି ପ୍ରତିଥର ବିଜେଡି ନୂଆ ନୂଆ ଚେହେରା ମଧ୍ୟ ପାଲଲହଡ଼ା ବିଧାନସଭା କ୍ଷେତ୍ରରେ ଦେଇଛି। କିନ୍ତୁ ୨୦୧୯ ରେ ବିଜୁ ଜନତା ଦଳର ବିଧାୟକ ପ୍ରାର୍ଥୀ ମୁକେଶ କୁମାର ପାଳ ଅଞ୍ଚଳବାସୀଙ୍କ ସମର୍ଥନ ପାଇ ବିଧାୟକ ହୋଇଥିବା ବେଳେ ସାଧାରଣ ଜନତାଙ୍କ ପାଖରେ ଦୁଃଖ ସୁଖରେ ଛିଡ଼ା ହୋଇଛନ୍ତି ଏବଂ ଅନେକ ବିକାଶ ମୂଳକ କାର୍ଯ୍ୟ ଅଞ୍ଚଳ ପାଇଁ କରିଛନ୍ତି। ଯେଉଁଥିପାଇଁ ଜନତାଙ୍କ ସମର୍ଥନ ତାଙ୍କ ପାଖରେ ରହିଛି ଏବଂ ଏହାକୁ ଦୃଷ୍ଟିରେ ରଖି ବିଜୁ ଜନତା ଦଳର ସୁପ୍ରିମୋ ନବୀନ ପଟ୍ଟନାୟକ ପୁନଶ୍ଚ ମୁକେଶ କୁମାର ପାଳଙ୍କ ଉପରେ ଆସ୍ଥା ପ୍ରକଟ କରି ତାଙ୍କୁ ପାଲଲହଡ଼ା ବିଧାନସଭା କ୍ଷେତ୍ର ପାଇଁ ବିଧାୟକ ପ୍ରାର୍ଥୀ ଭାବେ ଚୟନ କରିଛନ୍ତି। ମୁକେଶ ପାଳ ମଧ୍ୟ ସୁପ୍ରିମୋଙ୍କ ହାତମୁଠାକୁ ସୁଦୃଢ଼ କରିବା ପାଇଁ ସାହି ସାହି ବୁଲି ଲୋକଙ୍କଠାରୁ ଭୋଟ ଭିକ୍ଷା କରିଛନ୍ତି। ଶନିବାର ପାଲଲହଡ଼ା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ କର୍ଣ୍ଣପାଳ ସ୍ଥିତ ମା' ଲୁଧୁଣୀ ଠାକୁରାଣୀଙ୍କଠାରୁ ଆଶୀର୍ବାଦ ନେଇ କର୍ଣ୍ଣପାଳ, ଶିପୁର, ଶିଳିଂ, ପରାବିଲ, ପବିତ୍ରନଗର, ଗହମ, ବିରୁ ଆଦି ଅଞ୍ଚଳ ବୁଲି ଶ୍ରୀ ପାଳ ଭୋଟ ଭିକ୍ଷା କରିଥିଲେ। ବିଭିନ୍ନ ସ୍ଥାନରେ ତାଙ୍କ ପ୍ରତି ଥିବା ବିପୁଳ ଜନସମର୍ଥନ ବାରିହୋଇପଡୁଛି।



# ଦଳିତ କଳାକାରଙ୍କୁ କେନ୍ଦ୍ରମନ୍ତ୍ରୀଙ୍କ ନିର୍ଯାତନା

**ତାଳଚେର ସଦର, ୧୨।୫(ସମିସ)**

ତାଳଚେର ପୌର ପରିଷଦ ଅନ୍ତର୍ଗତ ହାଣ୍ଡିଧୂଆଁ ୧୮ ନମ୍ବର ୱାର୍ଡର ଶିଶୁ କଳାକାର ଭାବେ ପରିଚିତ ତଥା ପୂର୍ବତନ ପୌର ପରିଷଦର କାଉନସିଲର ଭାବେ ସୁନାମ ଅର୍ଜନ କରିଥିବା ଜଣେ ବ୍ୟକ୍ତି ଆଜି ଦୁଃଖ ଦୁର୍ଦ୍ଦଶାରେ କାଳାତିପାତ କରିବା ଘଟଣାକୁ ନେଇ ତାଳଚେର ଅଞ୍ଚଳରେ ଉଦବେଗ ପ୍ରକାଶ

- **କାମର ପାଉଣା ନଦେଇ ତଡ଼ିଦେଲେ**

ପାଇଛି। ତାଳଚେର ୧୮ ନମ୍ବର ୱାର୍ଡର ପୂର୍ବତନ କାଉନସିଲର ବିଭୂତି ଦଳେଇ ଜଣେ କଳାକାର ଭାବେ ବେଶ ପରିଚିତ। ମାତ୍ର ୧୫ ବର୍ଷ ବୟସରେ ତାଙ୍କୁ ୧୯୯୧ ମସିହାରୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ରଙ୍କ ବାପା ଡା. ଦେବେନ୍ଦ୍ର ପ୍ରଧାନ ଘରୁ ଡାକିନେଇ ବିଭିନ୍ନ ପ୍ରଲୋଭନ ଦେଖାଇ ପ୍ରଚାର ପ୍ରସାର କାର୍ଯ୍ୟରେ ନିୟୋଜିତ କରିଥିଲେ। ତାଙ୍କ ନିର୍ବାଚନରେ ରାତିସାରା ତାଙ୍କୁ ପାଚେରି ଗୁଡ଼ିକରେ ଚିତ୍ରକଳା ପ୍ରଦର୍ଶନ କରିବାର କାମ ଦିଆଯାଇଥିଲା। ଏପରିକି ଡା. ପ୍ରଧାନ ତାଙ୍କୁ ବ୍ୟକ୍ତିଗତ କାମରେ ମଧ୍ୟ ଗଧ ଭଳି ଖଟାଇଥିଲେ ବୋଲି ସେ ଗଣମାଧ୍ୟମ ପ୍ରତିନିଧିଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ରାତିଦିନ ଖଟାଇ ତା ପ୍ରତିବଦଳରେ କେବେ ଟଙ୍କାଟିଏ ଦେଇ ନଥିଲେ ବୋଲି ସେ ଦୁଃଖର ସହ ପ୍ରକାଶ କରିଛନ୍ତି। ଏପରିକି, କେନ୍ଦ୍ରରେ ବିଜେପି କ୍ଷମତାକୁ ଆସିବା ପରେ ତାଙ୍କୁ ଶ୍ରୀ ପ୍ରଧାନ ଅଣଦେଖା କରିବା ସହ ବିଜେପି କାର୍ଯ୍ୟାଳୟ (ହାଣ୍ଡିଧୂଆଁ) ରୁ ତଡ଼ି ଦେଇଥିଲେ। ୨୦୦୮ ମସିହାରେ ତାଙ୍କୁ ତଡ଼ିଲା ବେଳେ ଧର୍ମେନ୍ଦ୍ର ପ୍ରଧାନ କହିଥିଲେ, ତୁ ଜଣେ ଗରିବ ପିଲା ହୋଇଥିବାରୁ ତତେ ୫୦ ହଜାର ଟଙ୍କା ଦେବି ବୋଲି କହିଥିଲେ। ପ୍ରତିଶ୍ରୁତି ଦେବାପରେ ବି ସେ ପ୍ରତାରଣା କରିଆସୁଥିଲେ। ଏପରିକି ମାଗି ମାଗି ଥକିଗଲେ ପଛେ ତାଙ୍କୁ ଟଙ୍କାଟିଏ ଦେବା ତ ଦୂରର କଥା ବରଂ ତାଙ୍କୁ ବେଇଜତ୍ କରାଇ ତଡ଼ିଦେଇଥିଲେ ବୋଲି ସେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ସେ ପ୍ରଧାନମନ୍ତ୍ରୀଙ୍କୁ ୫ଥର ଚିଠି ମଧ୍ୟ ଲେଖିଥିବା ଦର୍ଶାଇଥିଲେ। ମନ୍ତ୍ରୀ ଶ୍ରୀ ପ୍ରଧାନ ଦେଶର ଉଜ୍ଜ୍ୱଳାମ୍ୟାନ୍ ଭାବେ ପରିଚିତ ହୋଇ ବହୁ ଦୃଷ୍ଟାନ୍ତମୂଳକ କାର୍ଯ୍ୟ କରୁଥିବା ଡିଣ୍ଡିମ ପିଟୁଥିବା ବେଳେ କିପରି ଭାବେ ଜଣେ ଦଳିତ ନିଷ୍ପେସିତ କଳାକାରଙ୍କୁ ଭୁଲିଗଲେ, ତାକୁ ନେଇ ବିଭିନ୍ନ ମହଲରେ ଉଠିଛି ପ୍ରଶ୍ନ। ତେବେ ମନ୍ତ୍ରୀ ଶ୍ରୀ ପ୍ରଧାନ ହାଣ୍ଡିଧୂଆଁ ସ୍ଥିତ ୧୮ ନମ୍ବର ୱାର୍ଡର ଏଭଳି ଜଣେ କଳାକରଙ୍କୁ ପ୍ରତାରଣା କରିବା ବିଭିନ୍ନ ମହଲରେ ଆଲୋଚନାର ମୁଖ୍ୟ ପ୍ରସଙ୍ଗ ପାଲଟିଛି।



॥ ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ॥



✓ ଅରୂପ ବେହେରା
ବାରିପଦା ୧ନଂ. ୱାର୍ଡ, ବୁଢ଼ିଖମାରୀ
ଧରାବତରଣ- ୧୫.୦୨.୧୯୭୦
ସର୍ଗାରୋହଣ- ୦୩.୦୫.୨୦୨୪

ଆପଣଙ୍କ ଶୂନ୍ୟତା ଆମମାନଙ୍କ ପାଇଁ ସର୍ବଦା ଅପୂରଣୀୟ।
ଆଜି ଏକାଦଶାହ ଅବସରରେ ଅମର ଆତ୍ମାର ସଦଗତି ନିମନ୍ତେ
ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।

-: ଶୋକସନ୍ତପ୍ତ : -
ପୁଅ - ସାଗର, ଝିଅ- ଶ୍ରାବଣୀ, ସ୍ତ୍ରୀ- ବାସନ୍ତୀ, ବଡ ଭାଇ- ପ୍ରଦୀପ, ବଡ ଭାଉଜ- ପୁଷ୍ପଲତା, ମଝିଆଁ ଭାଉଜ- ଜ୍ୟୋତ୍ସାରାଣୀ, ବଡ ଭଉଣୀ- ଛବିରାଣୀ, ମଝିଆଁ ଭଉଣୀ- ଛୟାରାଣୀ, ସାନ ଭଉଣୀ- ଛନ୍ଦାରାଣୀ, ବଡ ଭିଣେଇ- ଭାଗିରଥି, ମଝିଆଁ ଭିଣେଇ- ଗୋବର୍ଦ୍ଧନ, ସାନ ଭିଣେଇ- ମେଘନାଦ, ମାଆ- ପ୍ରମିଳା ଏବଂ ସମସ୍ତ ପରିବାର ବୃନ୍ଦ

## ବିଦ୍ୟୁତ୍ ଟ୍ରାନ୍ସଫର୍ମରରୁ କଏଲ ଚୋରି



ରାଜକନିକା, ୧୨।୫(ସମିସ): ରାଜକନିକା ବିଦ୍ୟୁତ ଉପଖଣ୍ଡ ଅନ୍ତର୍ଗତ ଓଲାଭର ସେକ୍ସନର ନହୁଣୀ ପଞ୍ଚାୟତ ଉପାନ୍ତ ପଙ୍କି ଗାଁରୁ ଶନିବାର ଦୁର୍ବୃତ୍ତମାନେ ୧୬କେଭି ଟ୍ରାନ୍ସଫର୍ମରକୁ ଚୋରିକରି ନେଇଯାଇଛନ୍ତି। ଗାଁର ରାସ୍ତା କଡ଼ରେ ଥିବା ଏହି ଟ୍ରାନ୍ସଫର୍ମରଟି କିଛି ଦିନ ହେବ ଅଚଳ ରହିଥିବାବେଳେ ଗତକାଲି ଚୋରି ହୋଇଯାଇଛି। ଚୋରମାନେ ଟ୍ରାନ୍ସଫର୍ମରରୁ କଏଲ ବାହାର କରି ନେଇ ପଳାଇଛନ୍ତି। ସକାଳେ ଗାଁଲୋକେ ଦେଖିବା ପରେ ବିଭାଗର ପାରିବା ପଣିଆ ଉପରେ ପ୍ରଶ୍ନ ଉଠାଇଛନ୍ତି। ଏହି ଚୋରିରେ ତଳିଆ କର୍ମଚାରୀଙ୍କ ସମ୍ପୃକ୍ତି ନେଇ ବି ସନ୍ଦେହ କରାଯାଉଛି। ତଦନ୍ତ କରାଗଲେ ପ୍ରକୃତ ତଥ୍ୟ ଜଣାପଡ଼ିବ।

## ନିର୍ବାଚନ ପାଇଁ ପୁଲିସ ପକ୍ଷରୁ ଯାଞ୍ଚ କଡ଼ାକଡ଼ି



ଡେରାବିଶ, ୧୨।୫ (ସମିସ): ଆଗାମୀ ନିର୍ବାଚନକୁ ଅବାଧ ଓ ନିରପେକ୍ଷ ଭାବେ ପରିଚାଳନ କରିବା ପାଇଁ ନିର୍ବାଚନ କମିଶନରଙ୍କ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ଭୋଟରମାନଙ୍କୁ ପ୍ରଭାବିତ କରିବା ପାଇଁ ଆର୍ଥିକ ପ୍ରଲୋଭନ ଓ ମାଦକ ଦ୍ରବ୍ୟ ଚାଲାଣକୁ ରୋକିବା ପାଇଁ ଫ୍ଲାଇଂ ସ୍କ୍ୱାଡ଼ ଗଠନ କରାଯାଇ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରହିଛି। ଆଜି ଏହି ପରିପ୍ରେକ୍ଷୀରେ ପାଟକୁରା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଡେରାବିଶ ବ୍ଲକର ଦାନପୁର ପଞ୍ଚାୟତର ଚାନ୍ଦୋଳ-ଦାନପୁର ରାସ୍ତାର ଦାନପୁରଠାରେ ଯାଞ୍ଚ କରାଯାଇଥିଲା। ରାସ୍ତାରେ ଯାତାୟତ କରୁଥିବା ବିଭିନ୍ନ ମାଲବାହୀ ଓ ପାସେଞ୍ଜର ଗାଡ଼ି ଏବଂ ବାଇକ୍‌କୁ ମଧ୍ୟ ଯାଞ୍ଚ କରାଯାଇଥିଲା।

## ମନ୍ଦିର ପ୍ରତିଷ୍ଠା ଉତ୍ସବ ଓ ବିଶ୍ୱଶାନ୍ତି ମହାଯଜ୍ଞ



ଡେରାବିଶ, ୧୨।୫ (ସମିସ): କେନ୍ଦ୍ରାପଡ଼ା ବ୍ଲକ ଚକ୍ରୋଡ଼ା ପଞ୍ଚାୟତ ଅନ୍ତର୍ଗତ ତରାପୁର ଗ୍ରାମର ମା' ଶାରଳାଙ୍କ ମନ୍ଦିର ପ୍ରତିଷ୍ଠାର ପ୍ରଥମ ବାର୍ଷିକ ଉତ୍ସବ ଓ ବିଶ୍ୱଶାନ୍ତି ମହାଯଜ୍ଞ ଆରମ୍ଭ ହୋଇଛି। ମା' ଶାରଳା ଦେବୀ ମନ୍ଦିର ପରିଷଦ କମିଟି ଦ୍ୱାରା ଆୟୋଜିତ ଏହି ବାର୍ଷିକ ଉତ୍ସବର ଶୁଭ ଅଙ୍କୁରୋପଣ ତଥା ଶୁଭାଧିବାସ ଗତ ଶୁକ୍ରବାର ଆରମ୍ଭ ହୋଇଥିବାବେଳେ ଗତକାଲି ଶନିବାର ପ୍ରତ୍ୟୁଷରୁ ଶୁଭ କଳସଯାତ୍ରା ଅନୁଷ୍ଠିତ ହୋଇଥିଲା। ପରେ ଘଟ ସ୍ଥାପନ, ଗୁରୁ, ସୂର୍ଯ୍ୟପୂଜା, ଗୋପୂଜା ଓ ଯଜ୍ଞାଗ୍ନି ସ୍ଥାପନ ସହିତ ଦେବୀ ପୂଜନ ଓ ଚଣ୍ଡିପାଠ ଅନୁଷ୍ଠିତ ହୋଇଥିଲା। ଏ ଅବସରରେ ଆୟୋଜିତ ବିଶ୍ୱଶାନ୍ତି ମହାଯଜ୍ଞର ପୂର୍ଣ୍ଣାହୁତି ସୋମବାର ଅନୁଷ୍ଠିତ ହେବ ବୋଲି ପରିଷଦର କର୍ମକର୍ତ୍ତା ପ୍ରକାଶ କରିଛନ୍ତି। ପ୍ରତ୍ୟହ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ଭଜନ ସମାରୋହ ଓ ପ୍ରବଚନ କାର୍ଯ୍ୟକ୍ରମ ଆୟୋଜିତ ହେଉଛି। ତରାପୁର ଗ୍ରାମ ସମେତ ପଡ଼ୋଶୀ ଗ୍ରାମର ସହଯୋଗ ଓ ଅଞ୍ଚଳର ଶ୍ରଦ୍ଧାଳୁଙ୍କ ଉପସ୍ଥିତି ଉତ୍ସବରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିଛି।

## ସମାଜସେବୀ ସୁରତା କ୍ୟାଥରିନଙ୍କୁ ଶ୍ରଦ୍ଧାଞ୍ଜଳି

କେନ୍ଦ୍ରାପଡ଼ା, ୧୨।୫(ସମିସ): ଜିଲ୍ଲା ପ୍ରତିଭା ପୂଜା ସଂସଦ ଆନୁକୂଲ୍ୟରେ ଗରାପୁରସ୍ଥ ରେସଓ୍ୱା ସ୍ୱେଚ୍ଛାସେବୀ ଅନୁଷ୍ଠାନ ପରିସରରେ ବିଶିଷ୍ଟ ସମାଜସେବୀ ସୁରତା କ୍ୟାଥରିନ ଦାସଙ୍କ ସ୍ମୃତିରେ ଏକ ଶ୍ରଦ୍ଧାଞ୍ଜଳି ସଭା ସଂସଦର ସଭାପତି ପ୍ରଦୀପ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମାଜସେବୀ ନଳିନୀବିହାରୀ ମହାନ୍ତି ଓ ଚିତ୍ତରଞ୍ଜନ ଦାସ ଯୋଗଦେଇ ସ୍ୱର୍ଗତ ସୁରତା କ୍ୟାଥରିନ ଦାସଙ୍କ ସ୍ମୃତିଚାରଣ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଶେଷରେ ରେସଓ୍ୱା ଦ୍ୱାରା ପରିଚାଳିତ ଜାଗୃତି-୨ର ଅଧ୍ୟକ୍ଷା ମିନତୀ ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ। ଏ ଅବସରରେ ରେସଓ୍ୱା ଦ୍ୱାରା ପରିଚାଳିତ ଜାଗୃତୀ -୨ ଓ ଅନ୍ୟାନ୍ୟ ଅନ୍ତେବାସୀଙ୍କୁ ରନ୍ଧାଖାଦ୍ୟ ପ୍ରଦାନ କରାଯାଇଥିଲା।



### ଚା' ଖଟିରେ ବିଜେଡି ସାଂସଦ ପ୍ରାର୍ଥୀଙ୍କ ମୁଖ୍ୟମନ୍ତ୍ରୀଙ୍କ ବିକାଶ ବାର୍ତ୍ତା

# ରାଜ୍ୟ ପାଇଁ ରୋଲ୍ ମଡେଲ ସାଜିଛି ବିଏସ୍‌କେୱାଇ ଓ ମିଶନ ଶକ୍ତି






କେନ୍ଦ୍ରାପଡ଼ା, ୧୨।୫(ସମିସ)

ସକାଳୁ ସକାଳୁ ସହରର ବିଭିନ୍ନ ଛକ, ବଜାରରେ ବୁଲି କେନ୍ଦ୍ରାପଡ଼ା ଲୋକସଭା ବିଜେଡ଼ି ସାଂସଦ ପ୍ରାର୍ଥୀ ଅଂଶୁମାନ ମହାନ୍ତି ସଧାରଣ ଲୋକଙ୍କୁ ବିଜୁ ସ୍ୱାସ୍ଥ୍ୟକାର୍ଡ ଏବଂ ମିଶନ ଶକ୍ତିରେ କି କି ଫାଇଦା ମିଳିଛି ସେ ନେଇ ପଚାରି ବୁଝୁଥିବା ଦୃଶ୍ୟ ଦେଖିବାକୁ ମିଳିଛି। କେମିତି ବିଜୁ ସ୍ୱାସ୍ଥ୍ୟ କାର୍ଡ ଓ ମିଶନ ଶକ୍ତି ଅନ୍ୟ ରାଜ୍ୟ ପାଇଁ ରୋଲ ମଡେଲ ସାଜିଛି ସେ ନେଇ ଲୋକଙ୍କ ସହିତ ଆଲୋଚନା କରିଥିଲେ। କେବଳ ଏତିକି ନୁହେଁ, ବିଜେଡ଼ିର ବିକାଶ ରିପୋର୍ଟ କାର୍ଡ ବାବଦରେ ମଧ୍ୟ ଲୋକଙ୍କୁ ବୁଝାଇଥିଲେ। ପ୍ରାର୍ଥୀ ଅଂଶୁମାନ ମହାନ୍ତି ଆଜି ସକାଳୁ କେନ୍ଦ୍ରାପଡ଼ା ସହରର ବିଭିନ୍ନ ସ୍ଥାନରେ ଥିବା ଚା' ଖଟିରେ ପହଞ୍ଚି ଚା' ପିଇବା ସହ ଜନସାଧାରଣଙ୍କ ସହ ଆଲୋଚନା କରିବାର ଦୃଶ୍ୟ ବେଶ ଉତ୍ସାହଜନକ ପରିଲକ୍ଷିତ ହୋଇଥିଲା। ଶ୍ରୀ ମହାନ୍ତି ପ୍ରଥମେ ସହରର ପୁରୁଣା ବସଷ୍ଟାଣ୍ଡରେ ପହଞ୍ଚି ସେଠାରେ ଉପସ୍ଥିତ ସାଧାରଣ ଜନତାଙ୍କ ସହିତ ଚା' ପିଇବା ପରେ ସେଠାରୁ ନିଜେ ବାଇକ ଚଳାଇ ମଡ଼ିଆଳସ୍ଥିତ ଆକବର ମାର୍କେଟ କମ୍ପ୍ଲେକ୍ସ ସମ୍ମୁଖ ଏକ ଚା' ଦୋକାନରେ ପହଞ୍ଚି ଲୋକଙ୍କ ସହ ଚା' ପିଇଥିଲେ। ଲୋକମାନଙ୍କ ସହ ସେମାନଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା କରିବା ସହ ଓଡ଼ିଶାର ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିକାଶଧାରାକୁ ବଜାୟ ରଖିବା ପାଇଁ ଆସନ୍ତା ଜୁନ ୧ ତାରିଖରେ ଶଙ୍ଖଚିହ୍ନରେ ଦୁଇଥର ଭୋଟ ଦେବାକୁ ନିବେଦନ କରିଥିଲେ। ସେଠାରୁ ସାନମଙ୍ଗଳା ଛକକୁ ବାଇକରେ ପହଞ୍ଚି ଚା' ପିଇବା ସହିତ ଲୋକମାନଙ୍କ ସହ ଆଲୋଚନା ପ୍ରସଙ୍ଗରେ ନବୀନବାବୁଙ୍କ ହାତମୁଠାକୁ ଟାଣ କରିବାକୁ ନିବେଦନ କରିଥିଲେ। ପରେ ସେଠାରୁ ସାନ୍ତସାହି ଛକରେ ପହଞ୍ଚି ଗନ୍ଧିଆ ଜଳଖିଆ ଦୋକାନରେ ବରା, ଆଳୁଦମ, ଆଳୁଚପ୍ ଏବଂ ଦହିବରା ଲୋକଙ୍କ ସହିତ ଖାଇଥିଲେ। ଜଳଖିଆ ଖାଇବା ସହିତ ସେଠାରେ ଲୋକମାନଙ୍କ ସହ ଜନପ୍ରିୟ ମୁଖ୍ୟମନ୍ତ୍ରୀ ନବୀନବାବୁଙ୍କ ବିକାଶକୁ ଆଗେଇ ନେବାକୁ ଶଙ୍ଖ ଚିହ୍ନରେ ମୋହର ଦେବାକୁ ନିବେଦନ କରିଥିଲେ। ପୁଣି ସେଠାରୁ ବାହାରି ନୂଆ ବସଷ୍ଟାଣ୍ଡସ୍ଥିତ ଏକ ଦୋକାନରେ ପହଞ୍ଚି ଲୋକଙ୍କ ସହିତ ଚା' ପିଇ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଲୋକଙ୍କୁ ଅବଗତ କରିଥିଲେ। ଏହାସହିତ ଉପସ୍ଥିତ ଜନସାଧାରଣଙ୍କୁ ନବୀନବାବୁଙ୍କୁ ଷଷ୍ଠଥର ମୁଖ୍ୟମନ୍ତ୍ରୀ କରିବା ପାଇଁ ଆଗାମୀ ନିର୍ବାଚନରେ ଶଙ୍ଖ ଚିହ୍ନରେ ଦୁଇଥର ଭୋଟ ଦେବାକୁ ନିବେଦନ କରିଥିଲେ।

ତେବେ ଏହିସବୁ ସ୍ଥାନରେ ସାଂସଦ ପ୍ରାର୍ଥୀ ଶ୍ରୀ ମହାନ୍ତିଙ୍କୁ ଅକୁଣ୍ଠ ସମର୍ଥନ କରିବା ସହ ଲୋକେ ଆଶୀର୍ବାଦ ଦେଇଥିଲେ। ତାଙ୍କ ସହିତ ବିଜେଡି ସାଂଗଠନିକ ସମ୍ପାଦକ ରଞ୍ଜିତ ସାହୁ, ପ୍ରଦୀପ କୁମାର ପ୍ରଧାନ, କାଉନସିଲର ନିରାକାର ସ୍ୱାଇଁ, ଉମେଶ ଚନ୍ଦ୍ର ନାୟକ, ଅଭୟ ବେହେରା, ଚୌଧୁରୀ ସୁକୁମାର ଦାସ, ରମେଶ ଚନ୍ଦ୍ର ଦାସ, ପ୍ରଶାନ୍ତ କୁମାର ସିଂ, ହିରଣ୍ୟ ପଣ୍ଡା, ରାଜେଶ ମହାନ୍ତି, ଶରତ କୁମାର ବେହୁରା, ହିବଜୁର ରହେମାନ୍, ସୌମେନ୍ଦ୍ର ପୃଷ୍ଟି, ପରଭେଜ ଅକ୍ତର, ପ୍ରକାଶ ପରିଡ଼ା, ସେକ ଚନ୍ଦନ, ସେକ ଗୋପି, ସେକ ସାନ୍ ପ୍ରମୁଖ ଉପସ୍ଥିତ ଥିଲେ।

## ଚାଟରାଚକଡ଼ାରେ 'ଘରେ ଘରେ ଶଙ୍ଖ' କାର୍ଯ୍ୟକ୍ରମ

ଡେରାବିଶ, ୧୨।୫ (ସମିସ): ଆଗାମୀ ନିର୍ବାଚନ ପାଇଁ ପାଟକୁରା ନିର୍ବାଚନ ମଣ୍ଡଳୀରେ ଆସନ୍ତା ଜୁନ୍ ୧ ତାରିଖରେ ଭୋଟଗ୍ରହଣ ହେବ। ଏଥିପାଇଁ ବିଜେଡ଼ି ପକ୍ଷରୁ ପ୍ରଚାର ଜୋରଦାର କରାଯାଇଛି। ନିର୍ବାଚନ ୨୦ ଦିନ ରହିଥିବାରୁ ପାଟକୁରା ନିର୍ବାଚନମଣ୍ଡଳୀର ବିଜେଡ଼ି ପ୍ରାର୍ଥୀ ଅରବିନ୍ଦ ମହାପାତ୍ର ବିଭିନ୍ନ ପଞ୍ଚାୟତରେ ପହଞ୍ଚି ଭୋଟରଙ୍କୁ ଭେଟି ନବୀନ ପଟ୍ଟନାୟକଙ୍କ ହାତମୁଠାକୁ ଟାଣ କରିବା ସହ ଷଷ୍ଠଥର ମୁଖ୍ୟମନ୍ତ୍ରୀ କରିବା ପାଇଁ ନିବେଦନ କରିଥିଲେ। ଆଜି ଏହି ପରିପ୍ରେକ୍ଷୀରେ ପାଟକୁରା ନିର୍ବାଚନ ମଣ୍ଡଳୀ ଅଧୀନ ଡେରାବିଶ ବ୍ଲକ ଅନ୍ତର୍ଗତ ଚାଟରାଚକଡ଼ା ପଞ୍ଚାୟତରେ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମରେ ସେ ଯୋଗଦେଇଥିଲେ। ବ୍ଲକ ବିଜେଡ଼ି ସଭାପତି ଦେବାଶିଷ ଆଚାର୍ଯ୍ୟଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଶ୍ରୀ ମହାପାତ୍ର ଫକିରାବାଦ, ଓଲଡ଼ି, ହଳଦୀବସନ୍ତ, ଚାଟରାଚକଡ଼ା ଓ ଗୋବିନ୍ଦପୁର ଗ୍ରାମର ଘରକୁ ଘର ବୁଲି ଲୋକଙ୍କୁ ଭେଟି ଭୋଟଭିକ୍ଷା କରିବା ସହିତ ନବୀନ ପଟ୍ଟନାୟକଙ୍କ ସୁଶାସନ ବିଷୟରେ ଅବଗତ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଜେଡ଼ି ନେତା ସରୋଜ ନାୟକ, ଗଣେଶ୍ୱର ବେହେରା, ଚାଟରାଚକଡ଼ା ସରପଞ୍ଚ ମମତ ରାଉତ, ପୂର୍ବତନ ସରପଞ୍ଚ ରମେଶ ଚନ୍ଦ୍ର ଦାସ, ଚାଟରାଚକଡ଼ା ସମିତିସଭ୍ୟ ନିରଞ୍ଜନ କର, ଚାଟରାଚକଡ଼ା ପଞ୍ଚାୟତ ବିଜେଡ଼ି ସଭାପତି ହେମନ୍ତ କୁମାର ନାୟକ, କ୍ଷିରୋଦ ନାୟକ, ରଞ୍ଜନ କୁମାର ସାହୁଙ୍କ ସମେତ ଶହଶହ କର୍ମୀ ଉପସ୍ଥିତ ଥିଲେ।



### ■ ଏସ୍‌ଓଏସ୍ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁଟରେ ନର୍ସିଂ ଦିବସ ପାଳିତ

# ନିଷ୍ଠା ଓ ଇଚ୍ଛାଶକ୍ତି ମଣିଷକୁ ସଫଳତା ଦିଏ

କେନ୍ଦ୍ରାପଡ଼ା, ୧୨।୫(ସମିସ)

ରବିବାର ଏସ୍‌ଓଏସ୍ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁଟ ପରିସରରେ ଫ୍ଲୋରେନ୍ସ ନାଇଟିଙ୍ଗେଲ୍‌ଙ୍କ ୨୦୪ତମ ଜୟନ୍ତୀ ତଥା ଅନ୍ତର୍ଜାତୀୟ ନର୍ସିଂ ସପ୍ତାହ ପାଳିତ ହୋଇଯାଇଛି। ଏଥିରେ ଅନୁଷ୍ଠାନର ଅଧ୍ୟକ୍ଷା ଜ୍ୟୋତ୍ରିମୟୀ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥିଭାବେ କେନ୍ଦ୍ରାପଡ଼ା ମେଡ଼ିକାଲର ଶିଶୁ ବିଭାଗ ଏଚ୍‌ଓଡି ଡଃ. କେଶାର ଚନ୍ଦ୍ର ମିଶ୍ର ଯୋଗଦେଇ କହିଥିଲେ ଯେ ନର୍ସିଂ ଛାତ୍ରୀମାନେ ସେମାନଙ୍କର ଅନ୍ତଃନିର୍ହିତ କାର୍ଯ୍ୟକୁ ବିକାଶ କରିବା ସହିତ ରୋଗୀଙ୍କ ପ୍ରତି ସେବା ଓ ସହାନୁଭୂତି ମନୋଭାବ ପୋଷଣ କଲେ ଭବିଷ୍ୟତରେ ଜଣେ ସୁଦକ୍ଷା ସେବିକା ହୋଇପାରିବ। ବରିଷ୍ଠ ନର୍ସିଂ ଅଫିସର ସୁପ୍ରଭା ପଟ୍ଟନାୟକ ଯୋଗଦେଇ ନିଜର କାର୍ଯ୍ୟଶୈଳୀକୁ ଉନ୍ନତ କରି ରୋଗୀଙ୍କୁ ଉତ୍ତମ ସେବା ଯୋଗାଇପାରିଲେ ସେମାନଙ୍କର ସେବିକା ହେବାର ସାର୍ଥକତା ପୂରଣ ହୋଇପାରିବ ବୋଲି କହିଥିଲେ। ଅନୁଷ୍ଠାନର ପ୍ରତିଷ୍ଠାତା ସମ୍ପାଦକ ଶିକ୍ଷାବିତ୍ ପ୍ରଶାନ୍ତ କୁମାର ସାମନ୍ତରାୟ ସମ୍ମାନିତ ଅତିଥି ଭାବେ ଯୋଗେଦଇ ନିଷ୍ଠା, ପ୍ରଚେଷ୍ଟା, ଅଦମ୍ୟ ଇଚ୍ଛାଶକ୍ତି ମଣିଷକୁ ସଫଳତା ଦିଏ। ତେଣୁ ପିଲାମାନେ ସଫଳତା ପାଇଁ ସଦାସର୍ବଦା ଚେଷ୍ଟାରେ ବ୍ରତୀ ରହିବା ଦରକାର। ନିର୍ଦ୍ଦେଶକ ସୁଖଦା ପ୍ରସାଦ ତ୍ରିପାଠୀ ଯୋଗଦେଇ ସେବିକାମାନଙ୍କୁ ନର୍ସିଂ ଶିକ୍ଷା ଓ ଏହାର ଭବିଷ୍ୟତ ଉପରେ ଆଲୋକପାତ କରିବା ସହ ମା' ଓ ସେବିକା ପରିପୂରକ ବୋଲି କହିଥିଲେ। ପ୍ରଶିକ୍ଷିକା ଚନ୍ଦ୍ରିକା ତ୍ରିପାଠୀ ସ୍ୱାଗତ ଭାଷଣ ଓ ଅଧ୍ୟକ୍ଷା ଜ୍ୟୋତ୍ରିମୟୀ ପଟ୍ଟନାୟକ ସଭା ସଞ୍ଚାଳନ କରିଥିଲେ। ଶେଷରେ ଶ୍ରୀକାନ୍ତ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ। ବିଜୟ କୁମାର ସାହୁ, ତପନ କୁମାର ମହାନ୍ତି, ଦେବାଶିଷ ଦାସ, ସୋମନାଥ ବେହେରା, ଶୁଭ୍ର ସନ୍ତୋଷ ଦାସ, ରଶ୍ମିତା ମହାନ୍ତି ପ୍ରମୁଖ ସଭାରେ ସହଯୋଗ କରିଥିଲେ।

ଏହି ଅବସରରେ ଏକ ଶାନ୍ତିପୂର୍ଣ୍ଣ ଶୋଭାଯାତ୍ରା ଅନୁଷ୍ଠାନ ପରିସରରୁ ଆରମ୍ଭ ହୋଇ କେନ୍ଦ୍ରାପଡ଼ା ପୁରୁଣା ମେଡ଼ିକାଲରେ ପହଞ୍ଚିଥିଲା। ରାଲିକୁ ଉଦ୍‌ଘାଟନ କରିଥିଲେ ନିର୍ଦ୍ଦେଶକ ସୁଖଦା ପ୍ରସାଦ ତ୍ରିପାଠୀ। ଏହି ନର୍ସିଂ ସପ୍ତାହ ମଇ ୧୨ ତାରିଖରୁ ଆରମ୍ଭ ହୋଇ ମେ ୧୮ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ଅବସରରେ ବିଭିନ୍ନ ପ୍ରକାର ପ୍ରତିଯୋଗିତା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ମାନ ଅନୁଷ୍ଠିତ ହେବ ବୋଲି ଅନୁଷ୍ଠାନ ପକ୍ଷରୁ କୁହାଯାଇଛି।






## ରାମନବମୀ ଯାତ୍ରା ପ୍ରସ୍ତୁତି ବୈଠକ

ଡେରାବିଶ, ୧୨।୫ (ସମିସ): ଡେରାବିଶ ବ୍ଲକ ଯଁଅରାବାରିମୂଳ ପଞ୍ଚାୟତ ଅନ୍ତର୍ଗତ ଅର୍ତାମୂଳଠାରେ ଶ୍ରୀରାମ ସାଂସ୍କୃତିକ ପରିଷଦ ପକ୍ଷରୁ ୨୭ତମ ଶ୍ରୀରାମ ନବମୀ ଯାତ୍ରା ନିମନ୍ତେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୧୭ରୁ ୨୬ ତାରିଖ ପର୍ଯ୍ୟନ୍ତ ଆୟୋଜିତ ଏହି ମହୋତ୍ସବରେ ୨୩ ତାରିଖ ପୂର୍ଣ୍ଣିମା ଦିନ ଦାଣ୍ଡ ଶୋଭାଯାତ୍ରା ଅନୁଷ୍ଠିତ ହେବା ସହ ୯ ଦିନ ବ୍ୟାପୀ ରାମଗାଥା ଅଭିନୟ କରାଯିବ ବୋଲି ପରିଷଦ ପକ୍ଷରୁ ସ୍ଥିର କରାଯାଇଛି। ପ୍ରତ୍ୟହ ସନ୍ଧ୍ୟାରେ ରାମଗାଥା ଅଭିନୟ ପୂର୍ବରୁ ବିଭିନ୍ନ ପ୍ରତିଷ୍ଠିତ କଳାକାରଙ୍କ ଦ୍ୱାରା ଭଜନ ସନ୍ଧ୍ୟା ଆୟୋଜିତ ହେବ। ୨୬ ବର୍ଷ ପୂର୍ବରୁ ଗ୍ରାମର ବୃଦ୍ଧବୃଦ୍ଧାଙ୍କୁ ପବିତ୍ର ରାମାୟଣ ଶ୍ରବଣ ଉଦ୍ଦେଶ୍ୟରେ ଛୋଟଛୋଟ ପିଲାମାନଙ୍କ ଉଦ୍ୟମରେ ଆରମ୍ଭ ହୋଇଥିବା ଏହି ରାମଗାଥା ଅଭିନୟ ଲୋକମାନଙ୍କ ଦ୍ୱାରା ବେଶ୍ ଆଦୃତ ହୋଇପାରିଛି। ଏହି କାର୍ଯ୍ୟକ୍ରମରେ ବହୁ ଶ୍ରଦ୍ଧାଳୁଙ୍କ ଉପସ୍ଥିତି ନିମନ୍ତେ କାର୍ଯ୍ୟକ୍ରମଟିକୁ ଶୃଙ୍ଖଳିତ ଭାବେ ପରିଚାଳନ କରିବା ପାଇଁ ପରିଷଦ ପକ୍ଷରୁ ସ୍ଥିର କରାଯାଇଥିଲା।

### ପରିବାରକୁ କାଙ୍ଗାଳ କରିଦେଲା କିଡ୍‌ନୀ ରୋଗ

# ଚିକିତ୍ସା ପାଇଁ ଅର୍ଥ ସାଜିଛି ବାଧକ

ଗରଦପୁର, ୧୨।୫(ସମିସ)



ସହାୟତା ପାଇଁ ପରିବାରର ନିବେଦନ

ହସଖୁସିର ପରିବାରକୁ କାଙ୍ଗାଳ କରିଦେଲା କିଡନୀ ରୋଗ। ପରିବାରର ମୁଖିଆଙ୍କ ଦୁଇଟା କିଡନୀ ଖରାପ ହୋଇଯିବା ଜାଣିବା ପରେ ଅବସ୍ଥା କ'ଣ ତାହା ନଦେଖିଲେ ବିଶ୍ୱାସ କରିହେବ ନାହିଁ। ଦୁଇଟି କିଡନୀ ଖରାପ ହେବା ଜାଣିବା ପରେ ଚିକିତ୍ସା ପାଇ ଯାହା କିଛି ପାଖରେ ଥିଲା ସବୁକିଛି ଶେଷ ହୋଇଯାଇଛି। ଏବେ ପରିବାର ନିକଟରେ ରୋଗୀଙ୍କୁ ଔଷଧ କି ଡାଏଲେସିସ ପାଇଁ ଅର୍ଥ ଅଭାବ। ଏଭଳି ଏକ ଦୃଶ୍ୟ ଦେଖିବାକୁ ମିଳିଛି ଗରଦପୁର ବ୍ଲକ ଅନ୍ତର୍ଗତ ପଦ୍ମପୁର ପଞ୍ଚାୟତ ବିଚଣା ଗ୍ରାମର କରୁଣାକର ନାୟକ (୫୭)ଙ୍କ କ୍ଷେତ୍ରରେ। ପୂର୍ବରୁ କରୁଣାକର ବିଭିନ୍ନ କାମକରି ପରିବାର ଚଳାଉଥିଲେ। ନିଜ ରୋଜଗାରରୁ ଦୁଇ ଝିଅକୁ ବିବାହ କରାଇଛନ୍ତି; କିଛି ମାସ ହେଲା ସେ କିଡନୀ ରୋଗରେ ଆକ୍ରାନ୍ତ ହେବା ଜାଣିବା ପରେ ସେ ଏବେ କୌଣସି କାମ କରିପାରୁନାହାନ୍ତି। ଜମିବାଡି ବୋଲି କିଛି ନାହିଁ। ଜମି ଭାଗକୁ ଆଣି ଚାଷ କରିଥାନ୍ତି। ହେଲେ ଏବେ ନିରୂପାୟ। କେବଳ ନିଜର ଅଧ ଡେସିମିଲ ଡିହ ରହିଛି। ଗତ ୨୦୧୩ ମସିହାରେ ଆବାସ ଯୋଜନାରେ ଖଣ୍ଡେ ଘର ପାଇଥିଲେ। ଟଙ୍କା ଅଭାବରୁ ଘର ଅଧାଗଢାରେ ରହିଛି। ଏପରିକି ଆବାସ ସମ୍ପୂର୍ଣ୍ଣ ବିଲ ମଧ୍ୟ ପାଇପାରିନାହାନ୍ତି। କରୁଣାକରଙ୍କ ପତ୍ନୀ, ଦୁଇ ଝିଅ ଓ ପୁଅକୁ ନେଇ ତାଙ୍କର ସଂସାର। ଦୁଇ ଝିଅ ବିବାହ ପରେ ଘରେ କେବଳ ସାନ ପୁଅ। ପରିବାର ଚଳାଇବା କଷ୍ଟକର ହୋଇ ପଡ଼ିବାରୁ ତାଙ୍କ ପୁଅ ବିଭିନ୍ନ ସ୍ଥାନରେ ଏବେ ଦୈନିକ ମଜୁରୀ ଲାଗୁଛି। କେବଳ ୩ ଜଣଙ୍କୁ ୧୫ କେଜି ସହିତ କରୁଣାକର ଅକ୍ଷମତା ଦୃଷ୍ଟିରୁ ଭତ୍ତା ପାଉଛନ୍ତି। ଔଷଧ ଏବଂ ଡାଏଲେସିସ ପାଇଁ ମାସିକ ୭ ହଜାର ଟଙ୍କା ଦରକାର। କିଛି ଦିନ ପୂର୍ବରୁ ସେ କଟକ ବଡ ମେଡିକାଲକୁ ଚିକିତ୍ସା ପାଇଁ ଯାଇଥିଲେ।

କିଡନୀ ପ୍ରତ୍ୟାରୋପଣ ପାଇଁ ଡାକ୍ତର ପରାମର୍ଶ ଦେଇଥିଲେ। ହେଲେ ସେଥିପାଇଁ ୧୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ହେବ ବୋଲି ଜାଣିବା ପରେ ସେ ଏନେ ନିରାଶ। ଯଦି କେହି ସହୃଦୟ ବ୍ୟକ୍ତି ସହଯୋଗର ହାତ ବଢ଼ାନ୍ତି ତେବେ କରୁଣାକରଙ୍କ ଜୀବନ ବଞ୍ଚିପାରନ୍ତା ବୋଲି ସମାଜସେବୀ ରାକେଶ ମହାନ୍ତି କହିଛନ୍ତି। ଏହାଛଡ଼ା ଅସହାୟ କରୁଣାକରଙ୍କୁ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ପାଣ୍ଠି କିମ୍ବା ଜିଲ୍ଲା ପ୍ରଶାସନ ପକ୍ଷରୁ ଆର୍ଥିକ ସହାୟତା ଯୋଗାଇ ଦେବା ପାଇଁ ଗ୍ରାମବାସୀ ନିବେଦନ କରିଛନ୍ତି।

## ବେଣିପୁର ବିରୂପା ନଦୀ ବ୍ରିଜ୍‌ରେ ଦେଖାଗଲାଣି ରଡ୍; ମରାମତି ଦାବି



ପଞ୍ଚୁପାଣ୍ଡବ, ୧୨।୫ (ସମିସ): ଡେରାବିଶ ବ୍ଲକ ବେଣିପୁର ପଞ୍ଚାୟତ ଅନ୍ତର୍ଗତ ବିରୂପା ନଦୀରେ ଥିବା ପୋଲର ବିଭିନ୍ନ ଜାଗାରେ ଖାଲଖମା ହୋଇ ରଡ୍ ଦେଖାଯାଉଛି। କେନ୍ଦ୍ରାପଡ଼ା ଜିଲ୍ଲାରୁ ଯାଜପୁର ଜିଲ୍ଲାର ବରୀ ବ୍ଲକ ଅନ୍ତର୍ଗତ ବିଭିନ୍ନ ସ୍ଥାନକୁ ଏହି ବ୍ରିଜ ସଂଯୋଗ କରିଛି। ଏହି ନଦୀରେ ଥିବା ପୋଲରେ ଦିନକୁ ହଜାର ହଜାର ଗାଡ଼ି ମୋଟର ଚଳାଚଳ କରୁଥିବାବେଳେ ଗାଡ଼ି ଚାଳକଙ୍କୁ ହଇରାଣ ହେବାକୁ ପଡୁଛି। ଏହି ପୋଲରେ ଅଧିକାଂଶ ବଡ଼ବଡ଼ ଗାଡ଼ିରେ ବାଲି ବୋଝେଇ ଟ୍ରକ୍ ଯିବାଆସିବା କରିବା କାରଣରୁ ପୋଲଟି ଦୁର୍ବଳ ହେବାକୁ ଯାଉଛି। ପୋଲର ଦୁଇ କଡ଼ରେ କୁଢ଼ କୁଢ଼ ବାଲି ପଡ଼ିଥିବାରୁ ପବନ ବହିବା ବେଳେ ସାଇକଲ ଓ ବାଇକ୍ ଆରୋହୀଙ୍କ ଆଖିରେ ବାଲି ପଡୁଥିବାରୁ ଚାଳକ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ପୋଲରେ ହୋଇଥିବା ବଡ଼ ବଡ଼ ଖାଲଖମାକୁ ସଜାଡ଼ିବା ସହ ବାଲି ସଫା କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ଜିଲ୍ଲାରେ ମିଳୁନି ନଳିତା ବିହନ

# ଜମି ଚାଷକରି ବିହନକୁ ଅପେକ୍ଷା କରିଛି ଚାଷୀ

ଜଗତସିଂହପୁର, ୧୨।୫ (ସମିସ): ଜଗତସିଂହପୁର ଭଳି କୃଷି ପ୍ରଧାନ ଜିଲ୍ଲାର ଚାଷୀଙ୍କ ପାଇଁ ପୂର୍ବରୁ ନଳିତା ଏକ ପ୍ରମୁଖ ଅର୍ଥକରୀ ଫସଲ ଥିଲା। ଗତ କିଛିବର୍ଷ ହେବ ଏହି ଫସଲ ଚାଷ ଜମିର ପରିମାଣ ଉଦ୍‌ବେଗଜନକ ଭାବେ ହ୍ରାସ ପାଇବାରେ ଲାଗିଛି। ଉପଯୁକ୍ତ ପ୍ରୋତ୍ସାହନ ଓ ରିହାତିର ଅଭାବ ସହିତ ଠିକ୍ ସମୟରେ ବିହନ ଯୋଗାଣ ଅଭାବରୁ ଏହି ଚାଷରୁ ଚାଷୀ ମୁହଁ ଫେରାଇବାକୁ ବାଧ୍ୟ ହେଉଥିବା ଅଭିଯୋଗ ହେଉଛି। ଚଳିତ କୃଷି ଋତୁରେ ଗଡ଼ିଆ, ପୋଖରୀ ଓ କେନାଲ ସୁଖିଲା ପଡ଼ିଥିଲେ ମଧ୍ୟ ଏବେ ମଝିରେ ମଝିରେ ହେଉଥିବା ଭଲ ଅସରାଏ ବର୍ଷା ଚାଷୀ ପାଇଁ ଆଶ୍ୱାସନାର ବିଷୟ ହୋଇଛି। ତେବେ ଏହି ସମୟରେ ଜମିଚାଷ କରି ବିହନ ବୁଣିବାକୁ ଅପେକ୍ଷା କରିଥିବା ଚାଷୀକୁ ନଳିତା ବିହନ ମିଳିପାରୁ ନ ଥିବାରୁ ବାଧ୍ୟ ହୋଇ ଚାଷୀ ଏହି ଚାଷ ଛାଡିବା ସମ୍ଭାବନା ଦେଖାଦେଇଛି। ମାତ୍ର ତିନି ଦଶନ୍ଧି ତଳେ ଜିଲ୍ଲାରେ ୨ ହଜାର ହେକ୍ଟର ପରିମିତ ଅଞ୍ଚଳରେ ନଳିତାଚାଷ ହେଉଥିଲା। ବର୍ତ୍ତମାନ ଏହି ଚାଷ ଜମି କମି ମାତ୍ର ୮୦ ହେକ୍ଟରରେ ପହଞ୍ଚିଛି। ତେବେ ଏହି ଚାଷ ପ୍ରତି ଉପଯୁକ୍ତ ଦୃଷ୍ଟି ଦିଆ ନ ଗଲେ ଆଗାମୀ ଦିନରେ ଜିଲ୍ଲାରେ ନଳିତା ଚାଷ ସମ୍ପୂର୍ଣ୍ଣ ଲୋପପାଇବ ବୋଲି ଆଶଙ୍କା ପ୍ରକାଶ ପାଇଛି।

ସୂଚନା ମୁତାବକ, ଜିଲ୍ଲାରେ ମହାନଦୀ, ପାଇକା, ଦେବୀ, କାଠଯୋଡି, ବିଲୁଆଖାଇ ଆଦି ପ୍ରମୁଖ ନଦୀ ଓ ୧୦ରୁ ଅଧିକ ଉପନଦୀ ଓ ପ୍ରାକୃତିକ ନାଳ ରହିଛି। ଜିଲ୍ଲାର ବିଭିନ୍ନ ନଦୀ ଅବବାହିକା ଓ ଅନ୍ୟାନ୍ୟ ଉର୍ବର ଦୋରସା ଜମିରେ ବହୁ ବର୍ଷ ତଳୁ ନଳିତା ଚାଷ ହୋଇଆସିଛି। ଜିଲ୍ଲାର ଉଷ୍ମ ଓ ଆଦ୍ର ଜଳବାୟୁ ନଳିତା ଚାଷ ପାଇଁ ବିଶେଷ ଅନୁକୂଳ ହୋଇଥିବାରୁ ଜିଲ୍ଲାର ଚାଷୀ ପାରମ୍ପାରିକ ଭାବେ ଏହି ଚାଷ ପ୍ରତି ବହୁ ବର୍ଷ ତଳୁ ବିଶେଷ ଆକୃଷ୍ଟ ହୋଇ ଆସିଥିଲେ। ଜଗତସିଂହପୁର ଜିଲ୍ଲାର କୃଷିଭିତ୍ତିକ ଅର୍ଥନୀତି ହୋଇଥିବାରୁ ଅର୍ଥକରୀ ଫସଲ ନଳିତା ଚାଷ ଦ୍ୱାରା ଚାଷୀଙ୍କୁ ଲାଭ ମିଳୁଥିଲା। ଜିଲ୍ଲାରେ ମୋଟ ଚାଷଉପଯୋଗୀ ଜମି ୧, ୦୪, ୩୩୮ ରହିଥିବାବେଳେ ସେଥିରୁ ୨୦, ୯୦୮ ହେକ୍ଟର ଉଚ୍ଚ ବା ଡିପ ଜମି ହୋଇଥିବାରୁ ଏପରି ଜମିରେ ଖରିଫ ଧାନ ଫସଲ ବଦଳରେ ନଳିତା ଫସଲ ଭଲ ହେଉଥିଲା।



ଆଜକୁ ତିନି ଦଶନ୍ଧି ପୂର୍ବେ ଜିଲ୍ଲାର ୨ ହଜାର ହେକ୍ଟରରୁ ଅଧିକ ଜମିରେ ନଳିତା ଚାଷ ହେଉଥିବାରୁ ଅର୍ଥକରୀ ଫସଲ ଭାବେ ଏହା ଚାଷୀଙ୍କୁ ସଶକ୍ତ କରିଥିଲା। ଏହି ଫସଲରେ ସର୍ବାଧିକ ଶ୍ରମିକଙ୍କ ଆବଶ୍ୟକ ପଡୁଥିବାରୁ ଜିଲ୍ଲାର କୃଷି ଶ୍ରମିକଙ୍କୁ କାମଧନ୍ଦା ମିଳୁଥିଲା। ତେବେ ଗତ କିଛିବର୍ଷ ହେଲା ଏହି ଚାଷରେ ଉପଯୁକ୍ତ ପ୍ରୋତ୍ସାହନର ଅଭାବ, ଚାଷରେ ଖର୍ଚ୍ଚ ବୃଦ୍ଧି, ଝୋଟର ଅଭାବି ବିକ୍ରି ସହିତ ଠିକ୍ ସମୟରେ ଉପଯୁକ୍ତ ବିହନର ଅଭାବ ନଳିତାଚାଷ ପ୍ରଭାବିତ ହୋଇଥିବା ସୂଚନା ମିଳିଛି। ତଥ୍ୟ ଅନୁସାରେ ୨୦୧୪-୧୫ ବର୍ଷରେ ଜିଲ୍ଲାରେ ମୋଟ ୪ ଶହ ୧୫ ହେକ୍ଟର ଜମିରେ ନଳିତା ଚାଷ କରାଯାଇଥିଲା। ୨୦୧୫-୧୬ ସରକାରୀ ବିହନ ଯୋଗାଣ ଅବ୍ୟବସ୍ଥାରୁ ଏହି ଚାଷ ବିଶେଷ ବାଧାପ୍ରାପ୍ତ ହୋଇ ୨ ଶହ ହେକ୍ଟରକୁ ଖସି ଆସିଥିଲା। ୨୦୧୬-୧୭ରେ ଏହି ଚାଷ କେବଳ ୧୬୦ ହେକ୍ଟର ଓ ୨୦୧୮-୧୯ ବର୍ଷରେ ମାତ୍ର ୧୨୦ ହେକ୍ଟର ଜମିରେ ଏହି ଚାଷ କରାଯାଇଥିଲା। ୨୦୧୯-୨୦ ବର୍ଷରେ ଏହି ଫସଲ ଚାଷ ଜମିର ପରିମାଣ ୧ଶହ ହେକ୍ଟରକୁ ହ୍ରାସ ପାଇଥିଲା। ୨୦୨୦-୨୧ ଓ ୨୦୨୧-୨୨ ଅର୍ଥିକ ବର୍ଷରେ ଏହା ମାତ୍ର ୮୦ ହେକ୍ଟର ମଧ୍ୟରେ ସୀମିତ ରହିଥିଲା। ତେବେ ୨୦୨୨-୨୩ ଓ ୨୦୨୩- ୨୪ ବର୍ଷରେ ନଳିତା ଚାଷ ଜମିର ପରିମାଣ ଆହୁରି ହ୍ରାସ ପାଇଥିବା ସୂଚନା ମିଳିଛି। ପୂର୍ବରୁ ଜିଲ୍ଲାର ୫ଟି ବ୍ଲକରେ ନଳିତା ଚାଷ ହେଉଥିବାବେଳେ ଏହା ଏବେ ମାତ୍ର ୩ଟି ବ୍ଲକ କୁଜଙ୍ଗ, ବିରିଡି ଓ ଜଗତସିଂହପୁରରେ ଚାଷ ହେଉଛି। କୃଷି ବିଭାଗଠାରୁ ମିଳିଥିବା ସୂଚନା ଅନୁସାରେ, ଚଳିତ ବର୍ଷ କୁଜଙ୍ଗ ବ୍ଲକରେ ୨୦ ହେକ୍ଟର, ବିରିଡିରେ ୫୦ ହେକ୍ଟର ଓ ଜଗତସିଂହପୁରରେ ୧୦ ହେକ୍ଟର ଜମିରେ ନଳିତା ଚାଷ କରାଯିବା ପାଇଁ ଲକ୍ଷ୍ୟଧାର୍ଯ୍ୟ ହୋଇଛି। ତେବେ ବର୍ତ୍ତମାନ ସୁଦ୍ଧା ଚାଷୀକୁ ବିହନ ଯୋଗାଇ ଦିଆଯାଇପାରି ନ ଥିବାରୁ ଏହି ଲକ୍ଷ୍ୟ ହାସଲ କରିବା ସମ୍ଭବ ହୋଇପାରିବନି ବୋଲି ଜଣାପଡ଼ିଛି।

ଧାଡ଼ିରେ ନଳିତା ବୁଣା, ଘାସମରା ଓ କୀଟନାଶକ ପ୍ରୟୋଗ ପାଇଁ ଚାଷୀକୁ ପ୍ରୋତ୍ସାହନର ବ୍ୟବସ୍ଥା ରହିଛି। ତେବେ ନଳିତା ବିହନ ଗଣ୍ଡାଏ ଚାଷୀକୁ ଦେଇ ବାକି ସବୁ ସରକାରୀ ସହାୟତାକୁ ବାଟମାରଣା କରାଯାଉଥିବାବେଳେ ଚଳିତ ବର୍ଷ ବିହନ ଗଣ୍ଡାଏ ମଧ୍ୟ ଚାଷୀକୁ ମିଳି ନ ଥିବା ବାବଜୀ ଗୋଚ୍ଛାୟତ, ସନ୍ତୋଷ ଜେନା, ଅଭୟ ସାହୁ, ଦୋଳ ପରିଡ଼ା, କ୍ଷୀରୋଦ ଗୋଚ୍ଛାୟତଙ୍କ ସମେତ ଅନେକ ଚାଷୀ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି।

## ଶନିଶ୍ଚର ମନ୍ଦିରରେ ହଜାର ହଜାର ଶ୍ରଦ୍ଧାଳୁଙ୍କ ଜଳାଭିଷେକ



କୁଜଙ୍ଗ, ୧୨।୫(ସମିସ): କୁଜଙ୍ଗ ବ୍ଲକ ଜଗନ୍ନାଥପୁରସ୍ଥ ଗ୍ରହରାଜ ଶନିଶ୍ଚରଙ୍କ ମନ୍ଦିରରେ ପ୍ରତିବର୍ଷ ଭଳି ଚଳିତ ବର୍ଷ ଦ୍ୱାଦଶ ବାର୍ଷିକ ଯଜ୍ଞ ସହ ହଜାର ହଜାର ଶ୍ରଦ୍ଧାଳୁ ଜଳଭିଷେକ କରିଛନ୍ତି। ୧୦ ତାରିଖରେ ମଙ୍ଗଳ ଆଳତୀ ସହ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ୧୧ ତାରିଖ ଶନିବାର ଶୀଳା ପୂଜନ, ଜଳାଭିଷେକ ସହ ଶନିଦେବଙ୍କ ଦ୍ୱାଦଶ ଜନ୍ମ ବାର୍ଷିକ ଉତ୍ସବ ଓ ବିଶ୍ୱଶାନ୍ତି ମହାଯଜ୍ଞରେ କୁଜଙ୍ଗ ବ୍ଲକ ସମେତ ଆଖପାଖ ଅଞ୍ଚଳରୁ ୨୦ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ଯୋଗଦେଇଥିଲେ। ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ହଜାର ହଜାର ଶ୍ରଦ୍ଧାଳୁଙ୍କ ଭିଡକୁ ଲକ୍ଷ୍ୟ କରି ମନ୍ଦିର କର୍ତ୍ତୃପକ୍ଷ ଓ ପୁଲିସ ପ୍ରଶାସନ, ଅଗ୍ନିଶମ ବିଭିଗ ପକ୍ଷରୁ ବ୍ୟାପକ ସୁରକ୍ଷା ବନ୍ଦୋବସ୍ତ କରାଯାଇଥିଲା। ସେହିପରି ପଙ୍କପାଳଗଡ଼ ନିକଟ ଚୌଧୁରୀକୁଦ ଶନି ମନ୍ଦିରରେ ମଧ୍ୟ ଜଳାଭିଷେକରେ ଭିଡ ହୋଇଥିବାବେଳେ ପାରାଦୀପଗଡ଼ ଓ ବିଜିପୁର ଶନି ମନ୍ଦିରରେ ମଧ୍ୟ ଭିଡ ପରିଲକ୍ଷିତ ହୋଇଥିଲା।

## ଅସରାଏ ବର୍ଷାରେ ଜଗତସିଂହପୁର ହାଟବଜାର ମୁଖ୍ୟରାସ୍ତା ବେହାଲ

ଜଗତସିଂହପୁର, ୧୨।୫(ସମିସ): ଗତକାଲି ରାତିରେ ହୋଇଥିବା ଅସରାଏ ବର୍ଷାରେ ସହରର ପ୍ରମୁଖ ବାଣିଜ୍ୟ ସ୍ଥଳ ହାଟ ବଜାର ମୁଖ୍ୟରାସ୍ତା ସମ୍ପୂର୍ଣ୍ଣ ବେହାଲ୍ ହୋଇପଡ଼ିଛି। ଜଳ ନିଷ୍କାସନ ଅଭାବରୁ ଦୀର୍ଘ ସମୟ ଧରି ମୁଖ୍ୟ ରାସ୍ତା ଜଳାର୍ଣ୍ଣବ ହେବା ଦ୍ୱାରା ସ୍ଥାନୀୟ ଜନସାଧାରଣ ଓ ଏହି ରାସ୍ତାରେ ଚଳପ୍ରଚଳ ହେଉଥିବା ଲୋକ ବିଶେଷ ପ୍ରଭାବିତ ହୋଇଥିବା ପ୍ରକାଶ କରିଛନ୍ତି। ତେବେ ଏହି ରାସ୍ତାରୁ ଜଳ ନିଷ୍କାସନ ପ୍ରତି ଧ୍ୟାନ ଦିଆ ନ ଗଲେ ଆଗକୁ ଆସୁଥିବା ବର୍ଷାଋତୁରେ ଜନସାଧାରଣଙ୍କ ପାଇଁ ଏହା ସମସ୍ୟା ସୃଷ୍ଟି କରିବ ବୋଲି ସ୍ଥାନୀୟ ଲୋକ ଓ ବ୍ୟବସାୟୀ ପ୍ରକାଶ କରିଛନ୍ତି।



କାଲି ରାତିରେ କାଳ ବୈଶାଖୀ ପ୍ରଭାବରେ ଜଗତସିଂହପୁର ଜିଲ୍ଲାର କେତେକ ଅଞ୍ଚଳରେ ଭଲ ବର୍ଷା ହୋଇଥିଲା। ଜଗତସିଂହପୁର ସହରର ହାଟ ବଜାର ମାଛ ମାର୍କେଟ ଓ କୃଷକ ବଜାର ସମ୍ମୁଖରେ ଥିବା ମୁଖ୍ୟ ରାସ୍ତା ଉପରେ ବର୍ଷା ଜଳ ଜମି ରହି ଲହଡି ମାରିବା ସହିତ ଜଳାଶୟର ଭ୍ରମ ସୃଷ୍ଟି କରିଥିଲା। ଜଗତସିଂହପୁର ସହରଠାରୁ ଆଳିପିଙ୍ଗଳକୁ ସଂଯୋଗ କରୁଥିବା ମୁଖ୍ୟରାସ୍ତା ଉପରେ ଏହି ପାଣି ଜମି ରହିବା ଫଳରେ ଲୋକମାନେ ଯାତାୟାତ ପାଇଁ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ତେବେ ଏହି ସମସ୍ୟା କେବଳ ଏବେକାର ନୁହେଁ ବୋଲି ସ୍ଥାନୀୟ ଲୋକେ ପ୍ରକାଶ କରିଛନ୍ତି। ଦୀର୍ଘ ବର୍ଷ ହେଲାଣି ଏମିତି ଅସରାଏ ବର୍ଷା ହେଲେ ଏଠାରେ ଆଣ୍ଠୁଏ ପାଣି ଜମି ଯାଏ ବୋଲି ଲୋକମାନେ ପ୍ରକାଶ କରିଛନ୍ତି। ଜଳ ନିଷ୍କାସନ ବ୍ୟବସ୍ଥା ଏଠାରେ ଫେଲ ମାରିଥିବାରୁ ସାଧାରଣ ଲୋକମାନେ ବର୍ଷା ଦିନରେ ଯାତାୟତ କରିବାରେ ଅସୁବିଧାର ସମ୍ମୁଖୀନ ହୋଇଆସୁଛନ୍ତି। ଏଥିପ୍ରତି ପ୍ରଶାସନ ନିକଟରେ ବାରମ୍ବାର ଦାବି କରାଯାଉଥିଲେ ମଧ୍ୟ ଏ ପର୍ଯ୍ୟନ୍ତ କୌଣସି ପଦକ୍ଷେପ ଗ୍ରହଣ କରାଯାଇପାରିନାହିଁ। ସ୍ଥାନୀୟ ଅଞ୍ଚଳର ଏହି ସମସ୍ୟା ପ୍ରତି ଦୃଷ୍ଟି ଦେବାକୁ ଆଶୀର୍ବାଦ ସେବା ସଂଗଠନ ସଭାପତି ଜଗନ୍ନାଥ ବେହେରା ଦାବି କରିଛନ୍ତି।

## ଅସହାୟ ପରିବାରକୁ ସ୍ୱେଚ୍ଛାସେବୀ ସଂଗଠନର ସହାୟତା

ପାରାଦୀପ, ୧୨।୫ (ସମିସ): ଗରିବ ଅସହାୟ ପରିବାରଙ୍କୁ ସହାୟତାର ହାତ ବଢ଼ାଇଛି ସମ୍ପର୍କ ସ୍ୱେଚ୍ଛାସେବୀ ସଂଗଠନ। ସଂଗଠନର ଏଭଳି ନିଆରା ପ୍ରୟାସ ଏବେ ପାରାଦୀପ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ଗରିବ ଓ ଅସହାୟ ପରିବାର ନିକଟରେ ପହଞ୍ଚି ସେମାନଙ୍କୁ ସହଯୋଗ କରିବା ସହିତ ଆଦର୍ଶ ବିବାହ କରାଇବାରେ ସଂଗଠନ ନିଆରା ପ୍ରୟାସ ଆରମ୍ଭ କରିଛି। ପାରାଦୀପ ଉପକଣ୍ଠ ନିମିଡ଼ି ଗ୍ରାମରେ ଥିବା ମା’ ନାରାୟଣୀ ମନ୍ଦିରରେ ଆଜି ଜଣେ ଅସହାୟ ଝିଅକୁ ବୈଦିକ ରୀତିନୀତିରେ ବିବାହ କରାଇଛି ସମ୍ପର୍କ ସ୍ୱେଚ୍ଛାସେବୀ ସଂଗଠନ। ଝିଅଟିର ବାପାଙ୍କ ମୃତ୍ୟୁ ହୋଇଥିବାବେଳେ ଭାଇ ମଧ୍ୟ ନାହାନ୍ତି। ଯୌତୁକ ଦେବାକୁ ସକ୍ଷମ ନ ଥିବାରୁ ବିଭିନ୍ନ ସ୍ଥାନରୁ ଆସୁଥିବା ବିବାହ ପ୍ରସ୍ତାବ ଭାଙ୍ଗିଯାଉଥିଲା। ଏ ଖବର ସଂଗଠନ ନିକଟରେ ପହଞ୍ଚିବା ପରେ ସଂଗଠନର ସଦସ୍ୟ ତାଙ୍କର ବିବାହ କରାଇବାରେ ସହଯୋଗ କରିଥିଲେ। ବାଜା ବଜାଇ ପୁଅ ଘର ପକ୍ଷରୁ ବର ଓ ବରଯାତ୍ରୀ ଆସି ମନ୍ଦିରରେ ପହଞ୍ଚିବା ପରେ ବାହାଘର ଆରମ୍ଭ ହୋଇଥିଲା। ବରଯାତ୍ରୀଙ୍କ ପାଇଁ ଖାଦ୍ୟପେୟର ବ୍ୟବସ୍ଥା କରାଯାଇଥିଲା। ଏଥିସହିତ ଉଭୟଙ୍କର ରେଜେଷ୍ଟ୍ରି ମ୍ୟାରେଜର ମଧ୍ୟ ବ୍ୟବସ୍ଥା କରାଯାଇଥିଲା। ସଂଗଠନର ଏହି କାର୍ଯ୍ୟକୁ ବିଭିନ୍ନ ମହଲରୁ ସ୍ୱାଗତ କରାଯାଇଛି।



## ସଂଗ୍ରାମୀ ଲୋକନାଥ ଚୌଧୁରୀଙ୍କ ଶ୍ରାଦ୍ଧବାର୍ଷିକୀ ପାଳିତ

କୁଜଙ୍ଗ, ୧୨।୫(ସମିସ): କୁଜଙ୍ଗ ମାଟିର ସୁଯୋଗ୍ୟ ସନ୍ତାନ ତଥା ଶତ ସଂଗ୍ରାମର ନାୟକ ବିଶିଷ୍ଟ ସାମ୍ୟବାଦୀ ନେତା କମ୍ରେଡ ଲୋକନାଥ ଚୌଧୁରୀଙ୍କ ୨୧ତମ ଶ୍ରାଦ୍ଧବାର୍ଷିକୀ ଅବସରରେ ଏକ ସ୍ମୃତିସଭା ସମାଗୋଳସ୍ଥ ଜଳସମ୍ପଦ କାର୍ଯ୍ୟାଳୟ ସମ୍ମୁଖରେ ଥିବା ତାଙ୍କ ପ୍ରତିମୂର୍ତ୍ତି ନିକଟରେ ସ୍ମୃତି କମିଟିର ସଭାପତି ଯୋଗେନ୍ଦ୍ର ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ତତ୍କାଳୀନ ବିଧାନସଭାର ଉପନେତା, ସିପିଆଇର ଦଳପତି ତଥା ରାଜ୍ୟ ସମ୍ପାଦକ ସ୍ୱର୍ଗତ ଲୋକନାଥ ଚୌଧୁରୀ ତାଙ୍କ ଛାତ୍ର ଜୀବନରେ ରେଭେନ୍ସା କଲେଜରେ ପାଠ ପଢୁଥିବା ସମୟରେ ୟୁନିଅନ ଜ୍ୟାକ ପତାକା (ବ୍ରିଟିଶ ପତାକା) ପୋଡ଼ିବା, ଢେଙ୍କାନାଳ ପ୍ରଜା ଆନ୍ଦୋଳନର ନେତୃତ୍ୱ ନେବା, ପାରାଦୀପ ବନ୍ଦର ଶ୍ରମିକଙ୍କ ଐକ୍ୟବଦ୍ଧ ଆନ୍ଦୋଳନ, କନ୍ଧା ଚାଷୀ ଆନ୍ଦୋଳନର ନେତୃତ୍ୱ ନେବା ସର୍ବୋପରି ଶିକ୍ଷକମାନେ କିପରି ପ୍ରତ୍ୟକ୍ଷ ଦରମା ପାଇବା ନେଇ ବିଧାନସଭାରେ ଆଇନ ପ୍ରଣୟନ କରିବା ପରି ଯୁଗାନ୍ତକାରୀ ପଦକ୍ଷେପ ତାଙ୍କୁ ଜନମାନସରେ ଚିର ଜାଜ୍ୱଲ୍ୟ କରି ରଖିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ।

ବିଶିଷ୍ଟ ସାମ୍ୟବାଦୀ ନେତା ବାବୁରାମ ଚୌଧୁରୀ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଦେବା ସହ ଶତ ସଂଗ୍ରାମର ମହାନାୟକ ଲୋକନାଥ ଚୌଧୁରୀଙ୍କ ବିପ୍ଳବୀ ଜୀବନର ବିଭିନ୍ନ ଦିଗ ଉପରେ ଆଲୋକପାତ କରିବା ସାଙ୍ଗକୁ ଜାତିସଂଘରେ ରାଷ୍ଟ୍ରପତିଙ୍କ ପରାମର୍ଶଦାତା ଓ କେବିକେ ଯୋଜନା ପ୍ରଣୟନ କରାଇବା ପ୍ରଭୃତି କାର୍ଯ ତାଙ୍କ ଜୀବନର ଅଭୁଲା ସ୍ମୃତି ହୋଇ ରହିଥିବ। ସ୍ମୃତିସଭାରେ ଅନ୍ୟମାନଙ୍କ ମଧ୍ୟରେ ସାମାଜିକ ଅନୁଷ୍ଠାନ ପ୍ରିୟବନ୍ଧୁ ସଭାପତି ରଘୁନାଥ ସାହୁ ଯୋଗଦେଇ ଲୋକନାଥ ବାବୁ ସବୁ ଦିଗରେ ମାଟିର ସମ୍ମାନ ବଢ଼ାଇବା ସହ ଆଦର୍ଶ ଓ ତ୍ୟାଗର ଜ୍ୱଳନ୍ତ ଉଦାହରଣ ସାଜି କାୟ ମନୋବାକ୍ୟରେ ଜଣେ ସମର୍ପିତ ସାମ୍ୟବାଦୀ ବୋଲି କହିଥିଲେ। ଏ ଅବସରରେ ସ୍ମୃତି କମିଟି ସମ୍ପାଦକ କୈଳାସ ତରାଇ, ନବୀନ ପ୍ରଧାନ, ନବନିର୍ମାଣ କୃଷକ ସଂଗଠନର ବ୍ଲକ ସଂଯୋଜକ ବିଭୂତି ଭୂଷଣ ଜେନା, ବିଷ୍ଣୁ ଚରଣ ସ୍ୱାଇଁ, ନଟବର ସେନ ପ୍ରମୁଖ ଯୋଗ ଦେଇଥିଲେ। ପ୍ରଥମେ ଲୋକନାଥ ଚୌଧୁରୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା।



## ଦେବେନ୍ଦ୍ର ମଲ୍ଲିକ କୁଜଙ୍ଗ ବ୍ଲକ ବିଜେଡି ସଂଯୋଜକ

ତିର୍ତ୍ତୋଲ, ୧୨।୫ (ସମିସ): ତିର୍ତ୍ତୋଲ ବ୍ଲକ ବିରିତୋଳ ପଞ୍ଚାୟତର ବରିଷ୍ଠ ବିଜେଡି ନେତା ତଥା ତିର୍ତ୍ତୋଲ ବ୍ଲକ ଆମ୍ବ ଅଧ୍ୟକ୍ଷ ଦେବେନ୍ଦ୍ର ମଲ୍ଲିକଙ୍କୁ ଆସନ୍ତା ନିର୍ବାଚନ ନିମନ୍ତେ କୁଜଙ୍ଗ ବ୍ଲକ ବିଜେଡି ସଂଯୋଜକ ଭାବେ ମନୋନୀତ କରାଯାଇଛି। ଏ ସମ୍ପର୍କରେ ରାଜ୍ୟ ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ଏହି ନୂତନ ଦାୟିତ୍ୱ ମିଳିଥିବାରୁ ଶ୍ରୀ ମଲ୍ଲିକ ଏଥିପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ବିଜେଡି ନେତା କାର୍ତ୍ତିକ ପାଣ୍ଡିଆନ, ରାଜ୍ୟ ସାଂଗଠନିକ ଶ୍ରୀ ଦାସଙ୍କୁ କୃତଜ୍ଞତା ଜଣାଇଛନ୍ତି।



## କୋଲଡିଆ ମହାବୀର ପୀଠରେ ଗୀତାଞ୍ଜଳିଙ୍କୁ ବିପୁଳ ସମ୍ବର୍ଦ୍ଧନା



ପାରାଦୀପ, ୧୨।୫ (ସମିସ): ପାରାଦୀପ ଉପକଣ୍ଠ ବିଶ୍ୱାଳୀ ପଞ୍ଚାୟତର କୋଲଡିଆ ଗ୍ରାମରେ ହନୁମାନଜୀଉଙ୍କ ଯଜ୍ଞ ଉତ୍ସବରେ ଆଜି ରାତିରେ ବିଧାୟିକା ପ୍ରାର୍ଥିନୀ ଗୀତାଞ୍ଜଳି ରାଉତରାୟ ପହଞ୍ଚିବା ପରେ ଦଳୀୟ କର୍ମୀ ତାଙ୍କୁ ପାଛୋଟି ନେବା ସହ ବିପୁଳ ସମ୍ବର୍ଦ୍ଧନା ଜଣାଇଥିଲେ। ଶ୍ରୀମତୀ ରାଉତରାୟ ଉକ୍ତ ଉତ୍ସବରେ ଯୋଗ ଦାନ କରିଥିବାରୁ ଦଳୀୟ କର୍ମୀ ଓ ଶୁଭେଚ୍ଛୁଙ୍କ ମଧ୍ୟରେ ଆନନ୍ଦର ଲହରି ଖେଳିଯାଇଥିଲା। ଶ୍ରୀମତୀ ରାଉତରାୟ ପହଞ୍ଚି ସମସ୍ତଙ୍କ ଆଶୀର୍ବାଦ ଭିକ୍ଷା କରିବା ସହ ହନୁମାନଙ୍କୁ ଦର୍ଶନ କରିଥିଲେ। ଉପସ୍ଥିତ ସମସ୍ତ ଶୁଭେଚ୍ଛୁ ଓ ବିଶ୍ୱାଳୀ ପଞ୍ଚାୟତର ଜନସାଧାରଣଙ୍କ ସହିତ ଆଗାମୀ ସାଧାରଣ ନିର୍ବାଚନ ସମ୍ପର୍କରେ କିଛି ସମୟ ଆଲୋଚନା କରି ଫେରି ଯାଇଥିଲେ। ଉତ୍ସବ ମୁଖର ହୋଇପଡ଼ିଥିବା ଏହି ପୀଠରେ ଗୀତାଞ୍ଜଳି ରାଉତରାୟଙ୍କ ପଦାର୍ପଣକୁ ପଞ୍ଚାୟତର ଦଳୀୟକର୍ମୀ ସ୍ୱାଗତ କରିଛନ୍ତି।

## ଚୋରା ଡିଜେଲ ଓ ପେଟ୍ରୋଲର ହବ୍ ପାଲଟିଛି ପାରାଦୀପ

# ମାଛଧରା ଟ୍ରଲର ସହ ମାଛ ଘେରିରେ ପଡୁଛି ଚୋରା ତେଲ

ପାରାଦୀପ, ୧୨।୫ (ସମିସ): ପାରାଦୀପ ଭଳି ଶିଳ୍ପଭିତ୍ତିକ ସହରରେ ଯେ କୋଇଲା ଖାଲି ଚୋରାରେ ଚାଲାଣ ହେଉଛି ତା’ ନୁହେଁ, ଏଥିସହିତ ଡିଜେଲ ଓ ପେଟ୍ରୋଲ ମଧ୍ୟ ଚୋରା ଚାଲାଣ ହେଉଥିବା ଘଟଣା ସାମ୍ନାକୁ ଆସିଛି। ଗତ ସପ୍ତାହରେ ଚୋରା କୋଇଲା ଥିବା ଏକ ୧୬ଚକିଆ ଟ୍ରକ୍‌କୁ ଆଦର୍ଶ ଥାନା ପୁଲିସ ଜବତ କରିବା ସହ ୭ ଲୁଟେରାଙ୍କୁ ଗିରଫ କରିଥିବାବେଳେ ପୁଣି ଗତ ଦୁଇଦିନ ତଳେ ୭ ହଜାର ଲିଟର ଚୋରା ଡିଜେଲକୁ ଉଭୟ ମେରାଇନ ଓ ଲକ୍ ଥାନା ପୁଲିସ ଜବତ କରିବା ସହିତ ୪ ମାଫିଆଙ୍କୁ ଗିରଫ କରିଥିଲା। ତେବେ ପାରାଦୀପରେ ଯେ ଚୋରା କାରବାରର ସାମ୍ରାଜ୍ୟ ଦିନକୁ ଦିନ ବଢ଼ି ଚାଲିଛି, ତାହା ଏହି କୋଇଲା ଓ ତେଲ ଚୋରି ଘଟଣା ପରେ ବେଶ ସ୍ପଷ୍ଟ ହୋଇଛି।

ପ୍ରାୟ ୩୦ରୁ ଅଧିକ ଛୋଟ ବଡ଼ ଗ୍ୟାଙ୍ଗ ଏଥିରେ ସାମିଲ ରହି ତେଲ ଟର୍ମିନାଲରୁ ବାହାରୁଥିବା ଟ୍ୟାଙ୍କରରୁ ତେଲ ଚୋରି କରି ବିଭିନ୍ନ ଜାଗାକୁ ଯୋଗାଇ ରୋଜଗାର କରୁଛନ୍ତି। ଏପରିକି ଏଥିରେ ବିଭିନ୍ନ ଲୋକଙ୍କର ଭାଗ ବି ରହୁଛି। ବିଭିନ୍ନ ସୁରକ୍ଷା ସଂସ୍ଥା ଏଥିରେ ସାମିଲ ରହୁଥିବାବେଳେ ବିଭିନ୍ନ ଥାନାର ପୁଲିସ ନିଜ ନିଜ ଥାନା ଏରିଆରେ ଚୋରା ବେପାର କରୁଥିବା ଗୋଟିଏ ଗ୍ୟାଙ୍ଗ ପିଛା ବେପାର ହେଉ କି ନ ହେଉ ମାସିକ ବଟି ଆଦାୟ କରୁଥିବା କଥା ଚର୍ଚ୍ଚାକୁ ଆସିଛି। ଏହି ଚୋରା ତେଲକୁ ତେଲ ମାଫିଆ ସଂଗ୍ରହ କରି ଦୋଛକିରେ ଏକ ଡିପୋ କରିଥିବା ପୁଲିସ ନଜରକୁ ଆସିଛି। ଏହି ଡିପୋରୁ ୧୮ ଶହ ଲିଟର ଚୋରା ଡିଜେଲ ଯାଇ ନେହୁରୁ ବଙ୍ଗଳା ମାଛଧରା ବନ୍ଦରରେ ଏକ ଟ୍ରଲରରେ ପଡୁଥିବାବେଳେ ବିଶେଷ ସୂତ୍ରରୁ ଖବର ପାଇ ମେରାଇନ ଥାନା ପୁଲିସ ତେଲ ସହ ୩ ମାଫିଆଙ୍କୁ ମାଡି ବସିଥିଲା। ତେବେ ଏତେ ପରିମାଣର ତେଲ କେଉଁଠୁ ଆଣିଲେ ଥାନା ପକ୍ଷରୁ ଖୋଳ ତାଡ଼ ପରେ ଆଳୁ ଖୋଳୁ ଖୋଳୁ ମହାଦେବ ବାହାରିବା ନ୍ୟାୟରେ ଦୋଛକିରେ ଏକ ଚୋରା ତେଲ ଡିପୋରୁ ଏହା କାରବାର ହେଉଥିବା ଘଟଣା ପୁଲିସ ନଜରକୁ ଆସିଲା। ଏହି ଡିପୋ ଯେହେତୁ ଲକ୍ ଥାନା ଅଧୀନରେ ରହିଛି ତେବେ ପୁଲିସ ଏହା ଉପରେ ଚଢ଼ଉ କରିବାପରେ ସେଠାରୁ ଆଉ ୫ ହଜାର ଲିଟର ଚୋରା ଡିଜେଲ ମିଳିଥିଲା। ଏତେ ପରିମାଣର ତେଲ କେଉଁଠୁ କେମିତି ଆସିଲା ତାକୁ ନେଇ ପୁଲିସ ଖୋଳତାଡ଼ ଚଳାଇଛି।

ଗତବର୍ଷ ନଭେମ୍ବର ମାସରେ ଏହି ଚୋରା ତେଲ କାରବାରକୁ ନେଇ ଉଦୟ ବିହାର ଅଞ୍ଚଳରେ ଅଗ୍ନିକାଣ୍ଡ ଘଟିଥିଲା। ଅଗ୍ନିକାଣ୍ଡରେ ହଜାର ହଜାର ଲିଟର ଚୋରା ତେଲ ସହ ଚୋରା ତେଲ ରହିଥିବା ଏକ ଟ୍ୟାଙ୍କଲର ଜଳି ଯାଇଥିଲା। ପାରାଦୀପରେ ଚୋରା ତେଲ ମାଫିଆଙ୍କ ରାକେଟ ସକ୍ରିୟ ଥିବା ଏହି ଘଟଣା ଧରା ପଡ଼ିବା ପରେ ସ୍ପଷ୍ଟ ହୋଇଛି। ତେଲ ମାଫିଆ ବିଭିନ୍ନ ତେଲ ଡିପୋରୁ ସମଗ୍ର ରାଜ୍ୟକୁ ଟ୍ୟାଙ୍କର ଯୋଗେ ପରିବହନ ହେଉଥିବା ତେଲକୁ ଟ୍ୟାଙ୍କର ଚାଳକ ଓ କିଛି ଅସାଧୁ କମ୍ପାନୀ କର୍ମଚାରୀ ବାହାର କରି କମ୍ ଦାମ୍‌ରେ ବିଭିନ୍ନ ସ୍ଥାନକୁ ସପ୍ଲାଇ କରୁଛନ୍ତି। ଏସବୁ ତେଲ (ଡିଜେଲ, ପେଟ୍ରୋଲ) ଜଗତସିଂହପୁର ଓ କେନ୍ଦ୍ରାପଡ଼ା ଜିଲ୍ଲାର ବିଭିନ୍ନ ଚିଙ୍ଗୁଡ଼ି ଘେରି ଓ ମାଛ ମାରିବାକୁ ଯାଉଥିବା ଟ୍ରଲର ଓ ଡଙ୍ଗାକୁ ବହୁ ପରିମାଣରେ ଯୋଗାଇ ଦିଆଯାଉଛି। ଏଭଳି ଚୋରା ତେଲର କୋଟି କୋଟି ଟଙ୍କାର କାରବାର ହେଉଥିଲେ ହେଁ ଏହାକୁ ପୁଲିସ ଗୁରୁତର ସହ ନେଉନାହିଁ। ତେଣୁ ପାରାଦୀପରେ ଚୋରା ତେଲ ମାଫିଆଙ୍କ ଦୌରାତ୍ମ୍ୟ ବଢ଼ି ବଢ଼ି ଚାଲିଛି। ଏଭଳି ଘଟଣାକୁ ଟ୍ରକ ମାଲିକ ଗୁରୁତର ଭାବେ ନ ନେଲେ ଏହି ଗ୍ୟାଙ୍ଗ ଆହୁରି ସକ୍ରିୟ ହେବା ନେଇ ଆଶଙ୍କା ସୃଷ୍ଟି ହୋଇଛି।

# ଚକ୍ରୋଡ଼ା ପଞ୍ଚାୟତରେ ବିଜେଡିର ବନ୍ଧୁମିଳନ

**କେନ୍ଦ୍ରାପଡ଼ା,୧୨।୫(ସମିସ):** କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ ଚକ୍ରୋଡ଼ା ଗ୍ରାମ ପଞ୍ଚାୟତର କଚେରିଡିହଠାରେ ବିଜୁ ଜନତା ଦଳର ଏକ ବନ୍ଧୁମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ବ୍ଲକ ଅଧ୍ୟକ୍ଷ ତଥା ଜିଲ୍ଲା ବିଜେଡିର ବରିଷ୍ଠ ନେତା ପ୍ରଦୀପ୍ତ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବନ୍ଧୁମିଳନ ଉତ୍ସବରେ ପୂର୍ବତନ ମନ୍ତ୍ରୀ ତଥା ବିଜେଡି ବିଧାୟକ ପ୍ରାର୍ଥୀ ଗଣେଶ୍ୱର ବେହେରା ଯୋଗଦେଇ ଦଳର ସମସ୍ତ କର୍ମୀ ଏକମନ ଓ ଏକପ୍ରାଣ ହୋଇ ଆସନ୍ତା ୧ ତାରିଖରେ ହେବାକୁ ଥିବା ମତଦାନରେ ବିଜେଡିର ଲୋକସଭା ପ୍ରାର୍ଥୀ ଅଂଶୁମାନ ମହାନ୍ତି ଓ ବିଧାନସଭା ପ୍ରାର୍ଥୀ ଗଣେଶ୍ୱର ବେହେରାଙ୍କୁ ଶଙ୍ଖ ଚିହ୍ନରେ ବିପୁଳ ସଂଖ୍ୟାରେ ମୋହର ଦେଇ ନବୀନ ବାବୁଙ୍କ ହାତମୁଠାକୁ ଟାଣ କରିବା ସଙ୍ଗେ ସଙ୍ଗେ ଷଷ୍ଠଥର ନିମନ୍ତେ ଓଡ଼ିଶାର ମୁଖ୍ୟମନ୍ତ୍ରୀ କରିବାକୁ ନିବେଦନ କରିଥିଲେ।



ଏ ଅବସରରେ ରାଜ୍ୟର ବିକାଶ ଜାରି ରଖିବାକୁ ହେଲେ କେବଳ ନବୀନବାବୁ ହିଁ ମୁଖ୍ୟମନ୍ତ୍ରୀ ହେବା ଆବଶ୍ୟକ ବୋଲି ଶ୍ରୀ ବେହେରା ଆହ୍ୱାନ ଦେଇଥିଲେ। ଏହି ବନ୍ଧୁମିଳନ କାର୍ଯ୍ୟକ୍ରମରେ ୬ ନମ୍ବର ଜୋନ୍‌ର ଜିଲ୍ଲା ପରିଷଦ ସଦସ୍ୟା ନିର୍ମଳା ମହାନ୍ତି, ଜିଲ୍ଲା ଯୁବ ବିଜେଡି ସଭାପତି ରାଜେଶ ଦାସ, ପଞ୍ଚାୟତ ବିଜେଡି ସଭାପତି ଗୌରାଙ୍ଗ ଚରଣ ଲେଙ୍କା, ଚକ୍ରୋଡା ପଞ୍ଚାୟତର ସରପଞ୍ଚଙ୍କ ପ୍ରତିନିଧି ନିରଞ୍ଜନ ନାୟକ, ପୂର୍ବତନ ସରପଞ୍ଚ ଉତ୍ତମ ମଲିକ, ବିଜେଡିର ବରିଷ୍ଠ ନେତା ରାମଚନ୍ଦ୍ର ରାଉତ, ପ୍ରଫୁଲ୍ଲ ଚରଣ ଦାସ, କାର୍ତ୍ତିକ ଚନ୍ଦ୍ର ଦାଶ, ଜଗବନ୍ଧୁ ନାୟକ, ମନୋଜ କୁମାର ନାୟକ, ବାପିନା ମଲିକ, ନଟବର ଦାସ, କାହ୍ନୁଚରଣ ମହାରଣା, ବୁବୁନା ଜେନା, ଅଭିମନ୍ୟୁ ବେହୁରା, ସୌମେନ୍ଦ୍ର ମଲ୍ଲ, ଦିଲ୍ଲୀପ କୁମାର ମହାନ୍ତି, ଅନନ୍ତ ଚରଣ ଜେନା, ବିଜୟ କୁମାର ମହାନ୍ତି, କାଙ୍ଗାଳି ଚରଣ ମଲିକ, ମନୋଜ କୁମାର ବେହେରା, ନବଘନ ରାଉତ, ଦୋଳଗୋବିନ୍ଦ ରାଉଳ, ମଙ୍ଗୁ ରାଉଳ, ସେକ ଆୟୁବ, ମୁସିଦା ବିବି, ଅଖିଳ ଚରଣ ସାହୁ, ପୁରୁଷୋତ୍ତମ ସାହୁ, ଅଲେଖ ଚନ୍ଦ୍ର ବେହୁରା, ପ୍ରବୀର କୁମାର ମହାନ୍ତି ପ୍ରମୁଖ ଶତାଧିକ ବିଜେଡି କର୍ମୀ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିବା ସହ ନବୀନବାବୁଙ୍କ ବିକାଶ ପଥରେ ସାମିଲ ହେବାକୁ ଶପଥ ନେଇଥିଲେ।

## ଦେସାହିରେ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ



**ଗୋବିନ୍ଦପୁର,୧୨।୫(ସମିସ):** ଆଳି ବ୍ଲକ ଅନ୍ତର୍ଗତ ଦେସାହି ପଞ୍ଚାୟତରେ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ ଆଜି ଅନୁଷ୍ଠିତ ହୋଇଛି। ଘରେ ଘରେ ଶଙ୍ଖ ଷ୍ଟିକର ଲଗାଇବା ସହ ବିଧାନସଭା ପ୍ରାର୍ଥୀ ପ୍ରତାପ କେଶରୀ ଦେବ, ଲୋକସଭା ପ୍ରାର୍ଥୀ ଅଂଶୁମାନ ମହାନ୍ତିଙ୍କୁ ଶଙ୍ଖ ଚିହ୍ନରେ ଭୋଟ ଦେବାକୁ ଜନସାଧାରଣଙ୍କୁ ନିବେଦନ କରିଛନ୍ତି ବିଜେଡି କର୍ମୀ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ସଭ୍ୟା କନକଲତା ବେହେରା, ସରପଞ୍ଚ ମୋନାଲିସା ଦାସ, ଯୁବ ବିଜେଡି ସଭାପତି କେଦାରନାଥ ବେହେରା, ସମିତିସଭ୍ୟ ସନ୍ତୋଷ ବେହୁରିଆ, ଯୁବନେତା ମନୋଜ ଦାସ, ପ୍ରାକ୍ତନ ସରପଞ୍ଚ ନିଖିଳ ସାମଲ, ଗିରିଧାରୀ ଦାସ, ବୃନ୍ଦାବନ ସାମଲ, କୃଷ୍ଣଚନ୍ଦ୍ର ସାହାଣୀ, ବିଷ୍ଣୁଚରଣ ସାମଲ, ଦୁଃଶାସନ ମହାନ୍ତି, ନନ୍ଦକିଶୋର ସାହୁ, ପଞ୍ଚାନନ ସାହୁ, ରବିନାରାୟଣ ପତି, ପ୍ରଫୁଲ ମଲ୍ଲିକଙ୍କ ସମେତ ଶତାଧିକ ପୁରୁଷ ଓ ମହିଳା କର୍ମୀ ଦେସାହି, ଦଧିବାମନପୁର ଓ ପରମାନନ୍ଦପୁର ଗ୍ରାମ ପରିକ୍ରମା କରିଥିଲେ।

## ପୀତାମ୍ବର ତରାଇ ଜିଲ୍ଲା ବିଜେଡି ଉପସଭାପତି ନିଯୁକ୍ତ



**କୁଜଙ୍ଗ, ୧୨।୫(ସମିସ):** ବିଜୁ ଜନତା ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କୁଜଙ୍ଗ ବ୍ଲକର ଦଳର ସକ୍ରିୟ କର୍ମୀ ପୀତାମ୍ବର ତରାଇଙ୍କୁ ଜଗତସିଂହପୁର ଜିଲ୍ଲା ଉପସଭାପତି ଭାବେ ନିଯୁକ୍ତ କରିଛନ୍ତି। ଶ୍ରୀ ତରାଇ ଦୀର୍ଘ ଚାରି ଦଶନ୍ଧି ଧରି ବିଜୁବାବୁଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଜନତା ଦଳ ପରେ ବିଜୁ ଜନତା ଦଳର ପ୍ରତିଷ୍ଠାତା ସଦସ୍ୟ ଭାବେ ଅଦ୍ୟାବଧି ଦଳ ପାଇଁ କାର୍ଯ୍ୟ କରିଆସୁଛନ୍ତି। ମଙ୍ଗରାଜପୁର ପଞ୍ଚାୟତର ପ୍ରଥମ ପଞ୍ଚାୟତ୍ ସମିତି ଭାବେ ନିର୍ବାଚିତ ହୋଇ ପ୍ରତ୍ୟକ୍ଷ ରାଜନୀତିରେ ଅଂଶଗ୍ରହଣ କରିବା ସହିତ କୁଜଙ୍ଗ ଅଞ୍ଚଳର କୃଷକ, କୈବର୍ତ୍ତ, ଭୂମିହରା ପରିବାର ଓ ବେକାର ଯୁବକ/ଯୁବତୀଙ୍କୁ ନିଯୁକ୍ତି ପାଇଁ ଭୂମିପୁତ୍ର ସଂଗ୍ରାମୀ ସଂଗଠନ ମାଧ୍ୟମରେ ଜନ ଆନ୍ଦୋଳନର ନେତୃତ୍ୱ ନେଇ କଂଗ୍ରେସ ସରକାରଙ୍କ ବିଷ ଦୃଷ୍ଟିରେ ରହି ଜେଲ୍ ଯାଇଥିଲେ। ସାମାଜିକ, ସାଂସ୍କୃତିକ ଓ ରାଜନୈତିକ କ୍ଷେତ୍ରରେ ଦୀର୍ଘ ଚାରି ଦଶନ୍ଧିର ଅନୁଭୂତି ଶ୍ରୀ ତରାଇଙ୍କର ରହିଛି। ସେ ରାଜ୍ୟର ଜଣେ ପ୍ରତିଷ୍ଠିତ କବି, 'ଅଭାଜନ' କବିତା ପୁସ୍ତକ ପାଇଁ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ପାଇଛନ୍ତି। ଦଳ ପାଇଁ ଗୁରୁଦାୟିତ୍ୱ ପ୍ରଦାନ କରିଥିବାରୁ ଦଳ ସଭାପତି ନବୀନ ପଟ୍ଟନାୟକ, ଜିଲ୍ଲା ପର୍ଯ୍ୟବେକ୍ଷକ ଅରୁଣ କୁମାର ସାହୁ, ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ସହପର୍ଯ୍ୟବେକ୍ଷକ ଗିରିଶ ଚନ୍ଦ୍ର ଦାସ, ସରକାରୀ ଦଳର ମୁଖ୍ୟ ସଚେତକ ପ୍ରଶାନ୍ତ କୁମାର ମୁଦୁଲି, ବିଧାୟକ ସମ୍ବିତ୍ ରାଉତରାୟ, ରାଜ୍ୟ ବିଜେଡି ଉପସଭାପତି ଡଃ କୁଳମଣି ସାମଲ, ଜିଲ୍ଲା ସଭାପତି ରବିନାରାୟଣ ଜେନାଙ୍କୁ କୃତଜ୍ଞତା ଜଣାଇଛନ୍ତି।

### ଗାଙ୍ଗପଡ଼ାରେ ବିଜେଡିର ମିଶ୍ରଣ ପର୍ବ

## ଶତାଧିକ ବିଜେପି କର୍ମୀ ବିଜେଡିରେ ସାମିଲ



**କେନ୍ଦ୍ରାପଡ଼ା,୧୨।୫(ସମିସ):** କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ ଗାଙ୍ଗପଡ଼ା ଗ୍ରାମ ପଞ୍ଚାୟତରେ ବିଜୁ ଜନତା ଦଳର ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ଯୁବ ବିଜେଡି ସଭାପତି ଅସିତବନ୍ଧୁ ଧଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବିଜୁ ଜନତା ଦଳର ଏହି ମିଶ୍ରଣ ପର୍ବରେ ପୂର୍ବତନ ମନ୍ତ୍ରୀ ତଥା ବିଜେଡି ବିଧାୟକ ପ୍ରାର୍ଥୀ ଗଣେଶ୍ୱର ବେହେରା, ଜିଲ୍ଲା ବିଜେଡି ସଭାପତି ଧିରେନ କୁମାର ସାହୁ, ବ୍ଲକ ଉପାଧ୍ୟକ୍ଷ ପ୍ରତାପ ନାରାୟଣ ମହାପାତ୍ର, ଓଡ଼ିଶା ମୋ ପରିବାର ସଂଯୋଜକ ହିରଣ୍ୟ କୁମାର ପଣ୍ଡା ଓ ପୂର୍ବତନ ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ମମତାରାଣୀ ଧଳ ପ୍ରମୁଖଙ୍କ ଉପସ୍ଥିତିରେ ଗାଙ୍ଗପଡା ପଞ୍ଚାୟତର ୬, ୭,୧୩ ଓ ୧୫ ନମ୍ବର ୱାର୍ଡର ଶତାଧିକ ବିଜେପି କର୍ମୀ ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନବାବୁଙ୍କ ବିକାଶ ଧାରାରେ ଅନୁପ୍ରାଣିତ ହୋଇ ବିଜୁ ଜନତା ଦଳରେ ଯୋଗଦେଇଛନ୍ତି। ବିଜେଡି ବିଧାୟକ ପ୍ରାର୍ଥୀ ଶ୍ରୀ ବେହେରା ସେମାନଙ୍କୁ ଦଳୀୟ ଉତ୍ତରୀୟ ଓ ପୁଷ୍ପମାଲ୍ୟ ପ୍ରଦାନ ପୂର୍ବକ ଦଳକୁ ସ୍ୱାଗତ କରିଥିଲେ।

ପଞ୍ଚାୟତ ଯୁବ ବିଜେଡି ସଭାପତି ଶ୍ରୀ ଧଳ ଏହି ଅବସରରେ ସେମାନଙ୍କୁ କହିଥିଲେ ଯେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିକାଶ ସ୍ରୋତରେ ସାମିଲ ହୋଇ ଆଗାମୀ ଜୁନ ୧ ତାରିଖରେ ବିଜେଡି ସାଂସଦ ପ୍ରାର୍ଥୀ ଅଂଶୁମାନ ମହାନ୍ତି ଓ ବିଧାନସଭା ପ୍ରାର୍ଥୀ ଗଣେଶ୍ୱର ବେହେରାଙ୍କୁ ଶଙ୍ଖ ଚିହ୍ନରେ ବିପୁଳ ଭୋଟଦେଇ ଜୟଯୁକ୍ତ କରିବାକୁ ଆହ୍ୱାନ ଦେଇଥିଲେ।

## ବେଲାରପୁର ଶନି ମନ୍ଦିରରେ ଭକ୍ତଙ୍କୁ ଜଳଛତ୍ର



**ପଞ୍ଚୁପାଣ୍ଡବ, ୧୨।୫ (ସମିସ):** ଡେରାବିଶ ବ୍ଲକ ରଘୁଦେଇପୁର ପଞ୍ଚାୟତ ଅନ୍ତର୍ଗତ ବେଲାରପୁର ସ୍ଥିତ ଗୋବରୀ ନଦୀ କୂଳରେ ଥିବା ଶନିମନ୍ଦିର ନିକଟରେ ଆଜି ଭକ୍ତମାନେ ପ୍ରଭୁ ଶନିଦେବଙ୍କୁ ଜଳାଭିଷେକ କରିଛନ୍ତି। ଆଜି ପୂର୍ବାହ୍ନରୁ ହଜାର ହଜାର ଭକ୍ତ ସ୍ଥାନୀୟ ଗୋବରୀ ନଦୀରୁ ଜଳ ଆଣି ଶନିଶ୍ଚରଙ୍କୁ ଜଳାଭିଷେକ କରିଥିଲେ। ପ୍ରଚଣ୍ଡ ଗ୍ରୀଷ୍ମ ଓ ହଜାର ହଜାର ଶ୍ରଦ୍ଧାଳୁଙ୍କ ଭିଡ଼କୁ ଲକ୍ଷ୍ୟ କରି ଆମ ଗୋବରୀ ସେବା ସଂଗଠନ ପକ୍ଷରୁ ଜଳଛତ୍ର ବ୍ୟବସ୍ଥା କରାଯାଇଥିଲା। ଗତ ତିନି ବର୍ଷ ଧରି ଶନିଶ୍ଚରଙ୍କ ଜଳାଭିଷେକ ଦିବସରେ ଭକ୍ତମାନଙ୍କୁ ଶୀତଳ ପାନୀୟ ଜଳ ଓ ଦହି ସରବତ ବଣ୍ଟନ କରାଯାଉଥିବା ସଂଗଠନର ସଭାପତି ସ୍ୱର୍ଣ୍ଣପ୍ରଭା ପଲାଇ ଓ ସମ୍ପାଦକ କଳ୍ପତରୁ ମହାରଣା ପ୍ରକାଶ କରିଛନ୍ତି। ଏହି କାର୍ଯ୍ୟକ୍ରମକୁ ସଂଗଠନର ସଦସ୍ୟ ପାର୍ବତୀ ମଲିକ, ଗୀତାଞ୍ଜଳି ଦାଶ, ପ୍ରହ୍ଲାଦ ପଲେଇ, କୃଷ୍ଣ ଚନ୍ଦ୍ର ଦାସ, ଆରତୀ ପଣ୍ଡା, ପ୍ରଜ୍ଞାପାରମିତା, ସ୍ୱର୍ଣ୍ଣଲତା ମଲିକ ଏବଂ ଭାରତୀ ମଲିକ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ଦାଣ୍ଡିସାହି ଶ୍ରୀରାମ ଆଶ୍ରମ ନଳକୂପ ଅଚଳ; ଅନ୍ତେବାସୀ ହୀନସ୍ତା

**ପଟ୍ଟାମୁଣ୍ଡାଇ,୧୨।୫(ସମିସ):** ପେଣ୍ଠପାଳ ପଞ୍ଚାୟତ ଦାଣ୍ଡିସାହି ଗ୍ରାମର ଉତ୍ତର ପାଶ୍ୱର୍ ପ୍ରଧାନ ସାହିରେ ଥିବା ଶ୍ରୀରାମ ଆଶ୍ରମର ଏକମାତ୍ର ଗଭୀର ନଳକୂପ ଅଚଳ ହୋଇପଡ଼ିଛି। ପ୍ରଶାସନ ଅଚଳ ଘୋଷଣା କରିବା ପରେ ବର୍ତ୍ତମାନ ଆଶ୍ରମ ଅନ୍ତେବାସୀଙ୍କ ସମେତ ଉକ୍ତ ନଳକୂପ ଉପରେ ନିର୍ଭର କରୁଥିବା ଶତାଧିକ ଲୋକ ପିଇବା ପାଣି ଟୋପାଏ ପାଇଁ ହନ୍ତସନ୍ତ ହେଉଛନ୍ତି। କାରଣ ପେଣ୍ଠପାଳ ପଞ୍ଚାୟତ କାର୍ଯ୍ୟାଳୟ ପମ୍ପ ହାଉସରୁ ପାଇପ ଯୋଗେ ବିତରଣ କରାଯାଉଥିବା ପାଣି ଏହି ସ୍ଥାନରେ ପହଞ୍ଚି ନ ଥାଏ। ଶ୍ରୀରାମ ଆଶ୍ରମ ନଳକୂପ ଗତ କିଛି ଦିନ ହେବ ବାରମ୍ବାର ଖରାପ ହେଉଥିଲା। ଅଭିଯୋଗ ପରେ ନିଜେ ସରପଞ୍ଚ ଓ ବିଭାଗୀୟ ଯନ୍ତ୍ରୀ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିବା ପରେ ଜଣାପଡିଲା ଏହି ଗଭୀର ନଳକୂପ ଆଉ ପାଣି ଉଠାଇବ ନାହିଁ। ଅର୍ଥାତ ସବୁଦିନ ପାଇଁ ଅଚଳ। ପ୍ରଚଣ୍ଡ ରୌଦ୍ରତାପରେ ଲୋକେ ତ୍ରାହି ତ୍ରାହି ଡାକୁଥିବାବେଳେ ଏକମାତ୍ର ନଳକୂପ ଅଚଳ ହୋଇପଡ଼ିଥିବା ଘଟଣା ବେଡି ଉପରେ କୋରଡ଼ା ମାଡ଼ ସଦୃଶ ହୋଇଛି। ଉଚ୍ଚ କର୍ତ୍ତୃପକ୍ଷ ଯଥାଶୀଘ୍ର ପିଇବା ପାଣିର ବ୍ୟବସ୍ଥା କରିବାକୁ ସାଧାରଣରେ ଦାବି ହୋଇଛି।

## ଈଶ୍ୱର ପାର୍ବତୀଙ୍କ ପୀଠରେ ବିଶ୍ୱଶାନ୍ତ ମହାଯଜ୍ଞ



**ବାଲିକୁଦା,୧୨।୫(ସମିସ):** ବାଲିକୁଦା ବ୍ଲକ ଇଚ୍ଛାପୁର ପଞ୍ଚାୟତରେ ଥିବା ଈଶ୍ୱର ପାର୍ବତୀଙ୍କ ପୀଠରେ ୨୫ତମ ବିଶ୍ୱଶାନ୍ତି ମହାଯଜ୍ଞ ଗ୍ରାମବାସୀଙ୍କ ଦ୍ୱାରା ବହୁ ଆଡ଼ମ୍ବରରେ ଅନୁଷ୍ଠିତ ହୋଇଯାଇଛି। ପବିତ୍ର ଅକ୍ଷୟ ତୃତୀୟାରେ ପୂର୍ଣ୍ଣାହୂତି ହୋଇଥିବାବେଳେ ପଣ୍ଡିତ ପ୍ରଭାତ କୁମାର ରଥ, କ୍ଷେତ୍ରମୋହନ ନନ୍ଦ, ନିରଞ୍ଜନ ରଥ, ରଶ୍ମୀରଞ୍ଜନ ମିଶ୍ର, ନିରଞ୍ଜନ ଆଚାର୍ଯ୍ୟ ବେଦ ମନ୍ତ୍ର ପାଠ କରିଥିଲେ। ପୂଜକ ଶ୍ରୀବତ୍ସ ପଣ୍ଡା, ବାଲ୍ମିକୀ ପଣ୍ଡା ଯଜ୍ଞ କାର୍ଯ୍ୟ ସମ୍ପନ୍ନ କରିଥିବାବେଳେ ମଧୁସୂଦନ ପରିଡା ଓ ସଞ୍ଜୁଲତା ପରିଡା କର୍ତ୍ତା ଥିଲେ। ଏ ଅବସରରେ ଅଷ୍ଟମ ପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଥିଲା। ଭଜନ ସନ୍ଧ୍ୟା ଓ କାଠି ଲଉଡି ଖେଳ ଅନୁଷ୍ଠିତ ହୋଇଥିବାବେଳେ ଭକ୍ତଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା। ଏହି ସମସ୍ତ କାର୍ଯ୍ୟକ୍ରମକୁ ଗ୍ରାମବାସୀ ପରିଚାଳନା କରିଥିଲେ।

# କଂସାର ପଞ୍ଚାୟତରେ ମତଦାନ ସଚେତନତା





**କେନ୍ଦ୍ରାପଡ଼ା,୧୨।୫(ସମିସ):** କେନ୍ଦ୍ରାପଡ଼ା ବ୍ଲକ୍ ଅନ୍ତର୍ଗତ କଂସାର ପଞ୍ଚାୟତରେ ସାମାଜିକ ସଂଗଠନ ଜୟ ରାଷ୍ଟ୍ର ଓ ମା' କୃପାମୟୀ ଯୁବକ ସଂଘ ପକ୍ଷରୁ ମତଦାନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଂସାର ପଞ୍ଚାୟତର ବିଭିନ୍ନ ଗ୍ରାମରେ ସ୍ୱେଚ୍ଛାସେବୀ ସଚେତନତା ପ୍ରଚାରପତ୍ର ବଣ୍ଟନ କରିବା ସହ ମାଇକ୍ ଯୋଗେ ପ୍ରଚାର କରିଥିଲେ। ବିଭିନ୍ନ ଛକ ଜାଗାମାନଙ୍କରେ ପଥପ୍ରାନ୍ତ ସଭା କରି ଭୋଟରମାନଙ୍କୁ ସଚେତନ କରାଯାଇଥିଲା। ପ୍ରତି ପରିବାରରେ ଶତପ୍ରତିଶତ ମତଦାନ ପାଇଁ ଅନୁଷ୍ଠାନ ପକ୍ଷରୁ ଗ୍ରାମବାସୀଙ୍କୁ ଆହ୍ୱାନ ଦିଆଯାଇଥିଲା। ସମାଜସେବୀ ଅଚ୍ୟୁତାନନ୍ଦ ସ୍ୱାଇଁଙ୍କ ନେତୃତ୍ୱରେ ଚିରଞ୍ଜୀବ ନାୟକ, ସତ୍ୟରଞ୍ଜନ ସାହୁ, ରାଜକିଶୋର ରାଉତ, ସୋମନାଥ ସ୍ୱାଇଁ, ଜ୍ଞାନରଞ୍ଜନ ମହାପାତ୍ର, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ବୀରେନ୍ଦ୍ର ଦାସ, ନିରଞ୍ଜନ ମହାରଣା, ହରେକୃଷ୍ଣ ବେହେରା ପ୍ରମୁଖ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

# ବ୍ୟାସ ଫାଉଣ୍ଡେସନ ପକ୍ଷରୁ ୪ ମାନସିକ ଭିନ୍ନକ୍ଷମ ଉଦ୍ଧାର



**କୁଜଙ୍ଗ,୧୨।୫(ସମିସ):** ରାଜ୍ୟର ଅଗ୍ରଣୀ ସେବା ଓ ଅଧ୍ୟାତ୍ମିକ ପ୍ରତିଷ୍ଠାନ ବ୍ୟାସ ଫାଉଣ୍ଡେସନ ପକ୍ଷରୁ କୁଜଙ୍ଗର ବିଭିନ୍ନ ସ୍ଥାନରୁ ୪ଜଣ ମାନସିକ ଭିନ୍ନକ୍ଷମଙ୍କୁ ଉଦ୍ଧାର କରାଯାଇ ପୁରୀ କଣାସଠାରେ ଥିବା ନୀଳାଚଳ ସେବା ପ୍ରତିଷ୍ଠାନରେ ଅବସ୍ଥାପିତ କରାଯାଇଛି। ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସୁନୀଲ କୁମାର ନାୟକଙ୍କ ପରାମର୍ଶ ତଥା ସୂଚନା ଅନୁସାରେ ବ୍ୟାସ ପ୍ରତିଷ୍ଠାନ ସହ ବିଭିନ୍ନ ସାମାଜିକ ଅନୁଷ୍ଠାନ ନିୟମିତ ଭାବେ ଏହି ନିସ୍ୱାର୍ଥସେବା କାର୍ଯ୍ୟ କରିଆସୁଛନ୍ତି ବୋଲି ବ୍ୟାସ ପ୍ରତିଷ୍ଠାନର ଅଧ୍ୟକ୍ଷା ସମାଜସେବୀ ସ୍ନେହମୟୀ ଆଚାର୍ଯ୍ୟ କହିଛନ୍ତି। ମାନସିକ ଭିନ୍ନକ୍ଷମଙ୍କୁ ଉପଯୁକ୍ତ ଚିକିତ୍ସା ଓ ନିୟମିତ ସେବା ପରେ ବହୁ ଭିନ୍ନକ୍ଷମ ସୁସ୍ଥ ହୋଇ ଫେରୁଥିବା ସେ କହିଛନ୍ତି। ମାନସିକ ଭିନ୍ନକ୍ଷମଙ୍କୁ କଣାସ ନେବାକୁ ବିଭିନ୍ନ ସଂଗଠନକୁ ଖର୍ଚ୍ଚାନ୍ତ ହେବାକୁ ପଡୁଛି। ଯଦି ପାରାଦୀପ କିମ୍ବା ଜିଲ୍ଲାରେ ଏଭଳି ବ୍ୟକ୍ତିବିଶେଷଙ୍କ ପାଇଁ ଏକ ଥଇଥାନ କେନ୍ଦ୍ର ପ୍ରତିଷ୍ଠା କରାଯାଇପାରନ୍ତା, ତେବେ ସଂଗଠନମାନେ ଏହି କାର୍ଯ୍ୟ କରିବାକୁ ଅଧିକ ଉତ୍ସାହିତ ହେବା ସହ କମ୍ ପରିଶ୍ରମ କରିବାକୁ ପଡ଼ନ୍ତା। ସେମାନଙ୍କ ଆର୍ଥିକ ବୋଝ ଲାଘବ ସହ ସୁରୁଖୁରୁରେ ଏହି କାର୍ଯ୍ୟ ସମ୍ପାଦନ ହୋଇପାରନ୍ତା ବୋଲି ଶ୍ରୀମତୀ ଆଚାର୍ଯ୍ୟ କହିଛନ୍ତି। ପାରାଦୀପରେ ବଡ ବଡ ଶିଳ୍ପ ସଂସ୍ଥା ରହିଥିବାବେଳେ ସେମାନେ ସାମାଜିକ ଦାୟିତ୍ୱବୋଧ କାର୍ଯ୍ୟକ୍ରମରେ ଏଭଳି ଏକ ମହନୀୟ ପ୍ରତିଷ୍ଠାନ କଲେ ଜିଲ୍ଲାବାସୀ ଉପକୃତ ହେବା ସହ ମାନସିକ ଭିନ୍ନକ୍ଷମଙ୍କ ପାଇଁ ଉପଯୁକ୍ତ ପରିବେଶ ଅଳ୍ପ ପରିଶ୍ରମରେ ଉପଲବ୍ଧ ହେବା ସହ ସାମାଜିକ କର୍ମୀଙ୍କୁ ଏ କ୍ଷେତ୍ରରେ ଅଧିକ ପ୍ରେରଣା ମିଳିପାରନ୍ତା ବୋଲି ବ୍ୟାସ ପ୍ରତିଷ୍ଠାନର ଅଧ୍ୟକ୍ଷା ଶ୍ରୀମତୀ ଆଚାର୍ଯ୍ୟ, ଉପସଭାନେତ୍ରୀ ରଶ୍ମିତା ନାୟକ, ସଦସ୍ୟ ସଂଗ୍ରାମ ନାୟକ, ବିପିନ ମାଝୀ, ମନୋଜ ପ୍ରଧାନ ପ୍ରମୁଖ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ତ୍ୱରିତ ପଦକ୍ଷେପ ନେବାକୁ ଅନୁରୋଧ କରିଛନ୍ତି।

## ଟ୍ରକ୍ ଧକ୍କାରେ ସାଇକଲ ଆରୋହୀ ଗୁରୁତର

**ଛେଣ୍ଡିପଦା,୧୨।୫(ସମିସ):** ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ଥାନା ମଝିବଜାର ପୋଲ ଉପରେ ଏକ କୋଇଲା ବୋଝେଇ ଟ୍ରକ୍ ଧକ୍କାରେ ଜଣେ ସାଇକଲ ଆରୋହୀ ଗୁରୁତର ଆହତ ହୋଇଛନ୍ତି । ଗୁରୁତର ସାଇକଲ ଆରୋହୀ ଜଣକହେଲେ ଛେଣ୍ଡିପଦା ଥାନା ଧୁଡ଼ାମାଳ ସାହିର ପବନା ଘୋଷ । ପବନା ଏକ ସାଇକଲରେ ଅନୁଗୋଳରୁ ଛେଣ୍ଡିପଦା ଆସିଥିବା ୬୩ନଂ ରାଜ୍ୟ

**● ମାନବିକତା ଦେଖାଇଲେ ଓକିଲ ସଂଘ ସଭାପତି**

ରାଜପଥରେ ଛେଣ୍ଡିପଦା ଥାନା ଛକ ଆଡ଼କୁ ଆସୁଥିବା ବେଳେ ମଝି ବଜାର ପୋଲ ଉପରେ ଏକ କୋଇଲା ବୋଝେଇ ଟ୍ରକ ଧକ୍କା ଦେଇଥିଲା । ଫଳରେ ସାଇକଲ ଆରୋହୀ ପବନା ଗୁରୁତର ହୋଇ ରାସ୍ତା ଉପରେ ପଡ଼ିଯାଇଥିଲେ । ଏହା ଦେଖି ଛେଣ୍ଡିପଦା ଓକିଲ ସଂଘର ସଭାପତି ନଗେନ କୁମାର ନନ୍ଦ, ଲିନ୍ମୟ କୁମାର ବେହେରା ପ୍ରମୁଖ ପବନାଙ୍କୁ ଗୁରୁତର ଅବସ୍ଥାରେ ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ଦୁର୍ଘଟଣାରେ ପବନାଙ୍କ ବାମ ହାତରେ ଗଭୀର କ୍ଷତ ହେବା ସହିତ ଅବସ୍ଥା ଗୁରୁତର ଥିବାରୁ ଡାକ୍ତର ତାଙ୍କୁ ଆନୁଗୋଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦେଇଥିଲେ । ଅପରପକ୍ଷେ ଟ୍ରକଟି ଧକ୍କା ଦେଇ ଫେରାର ହୋଇଯାଉଥିବା ବେଳେ ସ୍ଥାନିୟ ଲୋକମାନେ ପିଛା କରି ତାକୁ ଅଟକାଇବା ସହିତ ଚାଳକ ଓ ଖଲାସିକୁ ନିର୍ଘୁମ ଛେଚିବା ପରେ ଛେଣ୍ଡିପଦା ଥାନା ଜିମା ଦେଇଛନ୍ତି । ଏନେଇ ପବନାଙ୍କ ପରିବାର ପକ୍ଷରୁ ଛେଣ୍ଡିପଦା ଥାନରେ ଲିଖିତ ଅଭିଯୋଗ କରାଯାଇଛି । ପୁଲିସ ଉକ୍ତ ଅଭିଯୋଗକୁ ଭିତ୍ତିକରି କୋଇଲା ବୋଝେଇ ଟ୍ରକକୁ ଜବତ କରିବା ସହିତ ଚାଳକ ଓ ଖଲାସିକୁ ଅଟକ ରଖି ତଦନ୍ତ ଚଳାଇଛି ।

## ହାତୀ ଆକ୍ରମଣରେ ଜଣେ ମୃତ

**ବଆଁରପାଳ,୧୨।୫(ସମିସ):** ବଆଁରପାଳ ଥାନା ଅନ୍ତର୍ଗତ ତୁଳସୀପାଳ ଗ୍ରାମର ପବିତ୍ର ସାହୁ (୫୫)ଙ୍କୁ ଆଜି ସନ୍ଧ୍ୟାରେ ହାତୀ ମାରିଦେଇଥିବା ସୂଚନା ମିଳିଛି । ଗତ କିଛିଦିନ ଧରି ହାତୀପଲ ଗାଡ଼ର ଖାଇ ଓ ତୁଳସୀପାଳ ଅଞ୍ଚଳରେ ରହି ଆସୁଛନ୍ତି । ସନ୍ଧ୍ୟା ସମୟରେ ଗାଁରେ ପଶି ଧାନ ଚାଉଳ ଖାଇବା ସହ ଘରବାଡ଼ି ନଷ୍ଟ କରୁଛନ୍ତି । ଆଜି ପବିତ୍ର ସାହୁ ନିଜ ବଗିଚାରେ କାମ କରୁଥିବା ସମୟରେ ରାତି ପ୍ରାୟ ୮ ଟାରେ ହାତୀ ବଗିଚାରେ ପଶି ପବିତ୍ରଙ୍କୁ ଦଳି ଦେଇଥିଲା । ଘଟଣାସ୍ଥଳରେ ପବିତ୍ରଙ୍କ ମୃତ ଘଟିଥିଲା । ଏହି ଘଟଣାକୁ ନେଇ ଗ୍ରାମରେ ଉତ୍ତେଜନା ପ୍ରକାଶପାଇଛି । ପାଠ ଲେଖାହେବା ବେଳକୁ କୋଣସି ପ୍ରଶାସନିକ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ନଥିଲେ ।

**ହିନ୍ଦୋଳ ବିଧାନସଭା ନିର୍ବାଚନମଣ୍ଡଳୀରେ ସୀମାଙ୍କ ହାତ ଛାଡ଼ିଲେଣି କର୍ମୀ**

# ମୁଖ୍ୟମନ୍ତ୍ରୀ ଓ 'ଶଙ୍ଖ ଚିହ୍ନ' ହିଁ ଏକମାତ୍ର ଭରସା

**ଢେଙ୍କାନାଳ, ୧୨।୫ (ସମିସ)**

ଢେଙ୍କାନାଳ ଲୋକସଭା ଅନ୍ତର୍ଗତ ହିନ୍ଦୋଳ ବିଧାନସଭା ନିର୍ବାଚନମଣ୍ଡଳୀରେ ରାଜନୈତିକ ଦୃଶ୍ୟପଟ ଦିନକୁ ଦିନ ବଦଳିବାରେ ଲାଗିଛି। ବିଜେଡିରୁ ଟିକେଟ ନପାଇ ବିଜେପିରେ ଯୋଗଦେବା ସହ ଟିକେଟ ହାସଲ କରିଥିବା ସୀମାରାଣୀ ନାୟକଙ୍କ ହାତ ଛାଡିଲେଣି ବିଜେପି କର୍ମୀ। ବିଭିନ୍ନ ସ୍ଥାନରେ ହାତଗଣତି କର୍ମୀଙ୍କୁ ନେଇ ସୀମା ପ୍ରଚାର କରୁଥିବା ବେଳେ ଦୀର୍ଘଦିନ ଧରି ଭୋଟରଙ୍କୁ ଅଣଦେଖା କରିବା ଯୋଗୁ ଏଭଳି ସ୍ଥିତି ଉପୁଜିଛି। ସେପଟେ ବିଜେଡି ବିଧାୟକ ପ୍ରାର୍ଥୀ ମହେଶ ସାହୁ ବିପୁଳ ଭୋଟ ବ୍ୟବଧାନରେ ବିଜୟୀ ହେବେ ବୋଲି ବୁଦ୍ଧିଜୀବୀମାନେ ମତ ପ୍ରକାଶ କରିଛନ୍ତି।





ହିନ୍ଦୋଳ ନିର୍ବାଚନ ମଣ୍ଡଳୀ ଅନୁସୂଚିତ ଜାତି ବର୍ଗ ପାଇଁ ସଂରକ୍ଷିତ ରହିଛ। ହିନ୍ଦୋଳ ବ୍ଲକର ସମସ୍ତ ୩୫ ଟି ପଞ୍ଚାୟତ, ଓଡାପଡ଼ା ବ୍ଲକର ୨୮ ଗ୍ରାମପଞ୍ଚାୟତ ଓ ହିନ୍ଦୋଳ ଏନଏସିର ୧୬ ଟି ୱାର୍ଡକୁ ନେଇ ହିନ୍ଦୋଳ ନିର୍ବାଚନମଣ୍ଡଳୀ ଗଠିତ ହୋଇଛି। ୨୦୦୦ ମସିହା ଠାରୁ ହିନ୍ଦୋଳ ନିର୍ବାଚନ ମଣ୍ଡଳୀ ବିଜେଡିର ଅଭେଦ୍ୟ ଦୁର୍ଗ ପାଲଟିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିନା ଏଠାରେ କାହାର ସ୍ଥିତି ନଥିବା ଜଣାପଡ଼ିଛି। ଫଳରେ ବିଜେଡି ଗତ ୨୦୨୨ ପଞ୍ଚାୟତ ନିର୍ବାଚନରେ ହିନ୍ଦୋଳ ନିର୍ବାଚନ ମଣ୍ଡଳୀର ୭ ଟି ଯାକ ଜିଲ୍ଲା ପରିଷଦ ଜୋନରେ କ୍ଲିନ ସୁଇପ କରିଥିଲା ଏବଂ ହିନ୍ଦୋଳ ଓ ଓଡାପଡ଼ା ବ୍ଲକର ଅଧ୍ୟକ୍ଷ ପଦ ମଧ୍ୟ ବିଜେଡି ଦଖଲରେ ରହିଛି। ନିକଟରେ ଅନୁଷ୍ଠିତ ହୋଇଥିବା ହିନ୍ଦୋଳ ଏନଏସି ନିର୍ବାଚନରେ ବି ଅଧ୍ୟକ୍ଷ ପଦ ବିଜେଡି ହାତକୁ ଯିବା ସହ ବିଜେଡି ୧୬ଟି ୱାର୍ଡରୁ ୧୧ଟି ୱାର୍ଡ ଦଖଲ କରିଛି। ପଞ୍ଚାୟତ ନିର୍ବାଚନ ଓ ହିନ୍ଦୋଳ ଏନଏସି ନିର୍ବାଚନରେ ବିଜେଡି ସଫଳ ହୋଇଛି। ୨୦୧୪ ନିର୍ବାଚନରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଯୋଗୁ ବିଜେଡି ବିଜୟ ଲାଭ କରିଥିବା ବେଳେ ସମାନ ଭାବରେ ୨୦୧୯ ନିର୍ବାଚନରେ ବିଜେଡି ବିଜୟ ହାସଲ କରିବା ସହିତ ବିଜେପି ଏବଂ କଂଗ୍ରେସର ଶୋଚନୀୟ ପରାଜୟ ହୋଇଥିଲା। ୨୦୧୪ରେ ବିଜେପି ପ୍ରାର୍ଥୀ ଲକ୍ଷ୍ମୀଧର ବେହେରା ୩୩ ହଜାର ୮୫୨ ଖଣ୍ଡ ଭୋଟ ଓ ପୂର୍ବତନ ମନ୍ତ୍ରୀ ଅଞ୍ଜଳି ବେହେରା ସ୍ୱାଧୀନ ଭାବେ ପ୍ରତିଦ୍ୱନ୍ଦ୍ୱିତା କରି ମାତ୍ର ୧୨ ହଜାର ୩୦୪ ଖଣ୍ଡ ଭୋଟ ପାଇଥିଲେ। ୨୦୧୯ରେ ବିଜେପି ପକ୍ଷରୁ ଅଶୋକ ନାୟକ ୭୫ ହଜାର ୭୫ଖଣ୍ଡ ଭୋଟ ପାଇଥିଲେ ଓ କଂଗ୍ରେସ ପ୍ରାର୍ଥୀ ତ୍ରିନାଥ ବେହେରା ମାତ୍ର ୯୩୬୬ ଭୋଟ ପାଇଥିଲେ। ଚଳିତ ନିର୍ବାଚନରେ ବିଜେଡି ମହେଶ ସାହୁଙ୍କୁ ଟିକେଟ ଦେବା ପରେ ସୀମାରାଣୀ ନାୟକ ବିଜେପିରେ ଯୋଗଦେବା ସହିତ ବିଜେପି ଟିକେଟ ବି ହାସଲ କରିଥିଲେ। ଫଳରେ ବିଜେପିରେ ଥିବା ପୁରୁଣା ନେତାମାନେ ଖୋଲାଖୋଲି ଭାବରେ ନିଜର ଅସନ୍ତୋଷ ପରୋକ୍ଷରେ ଜାହିର କରୁଛନ୍ତି। ଭିତରେ ସୀମାଙ୍କୁ ନାପସନ୍ଦ କରୁଥିବା ଜଣାପଡ଼ିଛି। ଫଳରେ ବହୁ ବିଜେପି କର୍ମୀ ଚୁପଚାପ ରହୁଥିବା ଦେଖିବାକୁ ମିଳିଛି। ଫଳରେ ମାତ୍ର ହାତ ଗଣତି କର୍ମୀଙ୍କୁ ନେଇ ସୀମାରାଣୀ ନିଜର ପ୍ରଚାର କରୁଥିବା ଜଣାପଡ଼ିଛି। ଚଳିତ ନିର୍ବାଚନରେ ବିଜେଡି ପୁଣି ବାଜିମାତ କରିବ ବୋଲି ଏବେଠାରୁ ସ୍ପଷ୍ଟ ହେଉଥିବା ବେଳେ ନବୀନ ପଟ୍ଟନାୟକଙ୍କ ବିନା ବିଜେଡିରେ କାହାର ସ୍ଥିତି ନାହିଁ ବୋଲି ଆଲୋଚନା ହେଉଛି। ଫଳରେ ଚଳିତ ନିର୍ବାଚନରେ ବିଜେଡି ପୁଣି ବହୁମତ ସହିତ ବିଜୟ ହାସଲ କରିବ ବୋଲି ଭୋଟରଙ୍କ ପ୍ରତିକ୍ରିୟାରୁ ଜଣାପଡ଼ିଛି। ବିଗତ ୫ ବର୍ଷରେ ସୀମାରାଣୀ ଭୋଟରଙ୍କୁ ଅଣଦେଖା କରିବା ସହିତ କୌଣସି କ୍ଷେତ୍ରରେ ନିଜର ସଙ୍ଗଠନକୁ ସୁଦୃଢ଼ କରିପାରିନାହାନ୍ତି। ଫଳରେ ଭୋଟରଙ୍କ ମଧ୍ୟରେ ସୀମାଙ୍କ ପ୍ରତି ରହିଥିବା ଅସନ୍ତୋଷ ଏବେ ଦେଖିବାକୁ ମିଳିଛି। ଏପରିକି ବିଜେପି କର୍ମୀମାନେ ମଧ୍ୟ ସୀମାଙ୍କ ହାତଛାଡି ବସିଛନ୍ତି। ହିନ୍ଦୋଳ ବିଜେଡିର ଗଡ଼ ଭାବରେ ପୁଣି ଥରେ ପ୍ରମାଣିତ ହେବାକୁ ଯାଉଛି।

## କଣିହାଁ ବ୍ଲକ: ବୁଥସ୍ତରରେ ବିଜେଡି କର୍ମୀ ଚଳଚଞ୍ଚଳ





**କଣିହାଁ, ୧୨।୫(ସମିସ):** ତାଳଚେର ନିର୍ବାଚନ ମଣ୍ଡଳୀରେ ତାଳଚେର ବ୍ଲକ୍ ୨୨ ପଞ୍ଚାୟତ ଓ କଣିହାଁ ବ୍ଲକର ୮ ଟି ପଞ୍ଚାୟତରେ କର୍ମୀ ପ୍ରତ୍ୟେକ ପଞ୍ଚାୟତର ବିଭିନ୍ନ ବୁଥରେ ଚଳଚଞ୍ଚଳ ହୋଇଥିବା ଦେଖିବାକୁ ମିଳିଛି । କଣିହା ,ବଡ଼ଗୁଣ୍ଡୁରୀ, ବିଜିଗୋଳ, ଗଦାଶୀଳା, ଜରଡ଼ା, ବଡ଼ତ୍ରିବିଡ଼ା ସାନତ୍ରିବିଡ଼ା, କମରେଇ ପଞ୍ଚାୟତର ବିଭିନ୍ନ ବୁଥସ୍ତରରୁ ପଞ୍ଚାୟତ ଓ ୱାର୍ଡ କାର୍ଯ୍ୟକର୍ତ୍ତାମାନେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ସାଂସଦ ପ୍ରାର୍ଥୀ ଅବିନାଶ ସାମଲ ଏବଂ ବିଧାୟକ ପ୍ରାର୍ଥୀ ବ୍ରଜକିଶୋର ପ୍ରଧାନଙ୍କ ପୋଷ୍ଟର, ବ୍ୟାନର ଓ ଶଙ୍ଖ ଚିହ୍ନ ପ୍ରତ୍ୟେକ ଘର କାନ୍ଥରେ ଷ୍ଟିକରିଂ ମାରୁଥିବା ଜଣାପଡ଼ିଛି । ଆଜି ବଡ଼ଗୁଣ୍ଡୁରୀ, ସାନତ୍ରିବିଡ଼ା, କଣିହାଁ ପଞ୍ଚାୟତର ବିଭିନ୍ନ ଗ୍ରାମରେ କର୍ମୀମାନେ ବିଜେଡି ସପକ୍ଷରେ ଉତ୍ସାହିତ ହୋଇ ପ୍ରଚାର କରୁଥିବା ଦେଖିବାକୁ ମିଳିଛି । ଏଥିରେ ଯୁବ ନେତା ଜିତେନ୍ଦ୍ରିୟ ସାହୁ, ଈଶ୍ବର ସାହୁ, ବିଶ୍ୱମ୍ଭର ସାହୁ, କୈଳାସ ସାହୁ, ଲୋକନାଥ ସାହୁ, ଟିକନ ପ୍ରଧାନ, ନିର୍ମଳ ସାହୁ, ଶାନ୍ତନୁ ପ୍ରଧାନ, ହେମନ୍ତ ସାହୁ, ସୁଧାକର ପ୍ରଧାନ, ରାଜେନ୍ଦ୍ର ପ୍ରଧାନ ପ୍ରମୁଖ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ ।

## ଏନ୍‌ଟିପିସି ତାଳଚେର ଥର୍ମାଲରେ ସୁରକ୍ଷା ନେତୃତ୍ୱ ପ୍ରଶିକ୍ଷଣ ଶିବିର

**ତାଳଚେର, ୧୨।୫(ସମିସ):** ମେସର୍ସ ଏଏସକେ ଇଏଚଏସ ଗ୍ରୁପ ସହାୟତାରେ ମେ ୧୦ ଓ ୧୧ ତାରିଖରେ ଏନଟିପିସି ତାଳଚେର ଥର୍ମାଲ ଠାରେ ସୁରକ୍ଷା ଓ ନେତୃତ୍ୱ ସମ୍ପର୍କରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହାକୁ ତାଳଚେର ଥର୍ମାଲ ପ୍ରକଳ୍ପର କାର୍ଯ୍ୟକାରୀ ନିର୍ଦ୍ଦେଶକ ଗୌତମ ଦେବ ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଏମ୍ ପ୍ରୋଜେକ୍ଟ ଜେ.ପି. ରାୟ, ଜିଏମ୍ ଦୀପକ, ବିଏଚ୍ଇଏଲର ଜି. ଏମ. ପ୍ରୋଜେକ୍ଟ ଏସ.କେ କୋଡାପେ ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି କର୍ମଶାଳାରେ ମୁଖ୍ୟତଃ ସୁରକ୍ଷା ଓ ସୁରକ୍ଷା ସମ୍ପର୍କିତ ନେତୃତ୍ୱ ଦ୍ୱାରା କାର୍ଯ୍ୟସ୍ଥଳୀରେ ସୁରକ୍ଷିତ ରହିବା ଓ ଭବିଷ୍ୟତରେ ସୁରକ୍ଷାକୁ ଆହୁରି ମଜଭୁତ କରିବା ଉପରେ ଭାବ ବିନିମୟ କରାଯାଇଥିଲା। ନିଜ ବକ୍ତବ୍ୟରେ ଶ୍ରୀ ଦେବ ସୁରକ୍ଷା ସମ୍ପର୍କରେ ନେତୃତ୍ୱ ଆଜିର ପ୍ରକଳ୍ପ ପାଇଁ କେତେ ଦରକାରୀ ଓ ସୁରକ୍ଷା ନିୟମାବଳୀର ଉପଯୋଗ ଆଜି ଓ ଆସନ୍ତା କାଲିକୁ ସୁରକ୍ଷିତ ରଖିବ ବୋଲି ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମର ମୁଖ୍ୟ ମିସ ସୋନାଲ ନାଙ୍ଗିଆ ଓ ଜେ.କେ. ଆନନ୍ଦ ସୁରକ୍ଷା କିପରି ସାମାଜିକ ଓ ନୈତିକ ବିକାଶରେ ସାହାଯ୍ୟ କରିବ ତଥା ପ୍ଲାଣ୍ଟର ତୃତୀୟ ପର୍ଯ୍ୟାୟ ସଂପ୍ରସାରଣ ସମୟରେ ସୁରକ୍ଷାକୁ କିପରି ଶୀର୍ଷ ସ୍ଥାନ ଦିଆଯିବ ସେ ସମ୍ପର୍କରେ ବୁଝାଇଥିଲେ। ଏହି କର୍ମଶାଳା ସମସ୍ତ ସୁରକ୍ଷା ଟ୍ରେନିଂର ଅଧିକାରୀମାନଙ୍କୁ ଏକ ନୂତନ ଦିଗଦର୍ଶନ ପ୍ରଦାନ କରିଥିଲା।



## ନାଲ୍‌କୋରେ ଆନ୍ତର୍ଜାତିକ ନର୍ସ ଦିବସ ପାଳିତ




**ନାଲକୋନଗର ୧୨।୫(ସମିସ):** ନାଲକୋ ଡାକ୍ତରଖାନାରେ ଆଜି ବିଶ୍ୱ ନର୍ସ ଦିବସ ପାଳିତ ହୋଇଯାଇଛି। ଜିଜିଏମ ସ୍ମେଲଟରର ଏନ. ଶୁଭ୍ରମନ୍ୟୁ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ନାଲକୋ ଡାକ୍ତରଖାନାର ଏଚଓଡି ଡାକ୍ତର ମୀନାକ୍ଷୀ ପଣ୍ଡା, ଇ.ଏଲ ପାତ୍ର ସାମଲ ମଞ୍ଚାସୀନ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଡାକ୍ତର ଇନ୍ଦ୍ରାଣୀ ହାଁସଦା , ଲୋକନାଥ ପାତ୍ର, ଏ.ପି ମହାପାତ୍ର, ଏସ. ଟି. କୁଜୁର ପ୍ରମୁଖ ଉପସ୍ଥିତ ଥିଲେ। ଆଜିର ସଭାରେ ସମସ୍ତ ଡାକ୍ତରଙ୍କୁ ନର୍ସମାନେ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ସଭାରେ ମୁଖ୍ୟ ଅତିଥି ପ୍ରଦୀପ ପ୍ରଜ୍ୱଳନ କରିବା ସହ ମହମବତୀ ଜାଳି ଫ୍ଲୋରେନ୍ସ ନାଇଟଆଙ୍ଗେଲଙ୍କ ସ୍ମୃତି ପାଠ କରିଥିଲେ। ସମ୍ମାନିତ ଅତିଥି ମୀନାକ୍ଷୀ ପଣ୍ଡା ନର୍ସ ଦିବସର ତାତ୍ପର୍ଯ୍ୟ ଓ ଭୂମିକା ଉପରେ ବକ୍ତ୍ୟବ ରଖିଥିଲେ। ଆଜିର ସଭାରେ ବରିଷ୍ଠ ନର୍ସ ଲତିକା ପ୍ରଧାନ, ନିରୁପମା ସାହୁ, ଆରତୀ ବେହେରା, ଏସ. ହୋତା, ଏସ. ଦାସ , ଲୋରିଆ ବାରା, ସରୋଜିନୀ ଦାସ, ସୁମିତ୍ରା ସାହୁ, ବାସନ୍ତୀ ଜେନା, ନିରୁପମା ସାହୁ, ରଶ୍ମିତା ଜେନା, ଲତିକା ପ୍ରଧାନଙ୍କ ସମେତ ନାଲକୋ ଡାକ୍ତରଖାନାର ସମସ୍ତ ନର୍ସ ଉପସ୍ଥିତ ଥିଲେ। ଆଲୁମିନିୟମ ମଜଦୁର ସଙ୍ଘ ପକ୍ଷରୁ (ବିଏମ୍ଏସ୍) ସମସ୍ତ ନର୍ସ କର୍ମଚାରୀଙ୍କୁ ନର୍ସ ଦିବସ ଅବସରରେ ଅଭିନନ୍ଦନ ଜଣାଇବା ସହ ଉପହାର ପ୍ରଦାନ କରିଥିଲେ। ସଂଘର ସଭାପତି ମୁନା ସାମଲ, ସାଧାରଣ ସମ୍ପାଦକ ବିନୋଦ କୁମାର ସାମଲ, ସଙ୍ଗଠନ ସମ୍ପାଦକ ନେହୁରୁ ସାହୁ, ପ୍ରଭାତ ଗଡ଼ନାୟକ, ମହେନ୍ଦ୍ର ବେହେରା, ପ୍ରଭୁପଦ ଦାସ, ସଞ୍ଜୟ ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ସମସ୍ତ କାର୍ଯ୍ୟ ସମ୍ପାଦନ କରିଥିଲେ।

## ଠାକୁରଗଡ଼ରେ କଂଗ୍ରେସ ସମ୍ମିଳନୀ

**ଆଠମଲ୍ଲିକ, ୧୨।୫(ସମିସ):** ଆଠମଲ୍ଲିକ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଷୋଳପଦା ଅଞ୍ଚଳର ଠାକୁରଗଡ଼ ଆମ୍ବ ବଗିଚା ନିକଟରେ ବ୍ଲକ କଂଗ୍ରେସ ତରଫରୁ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ କଂଗ୍ରେସ ନେତା ତଥା ଠାକୁରଗଡ଼ ପଞ୍ଚାୟତ ସଭାପତି ଅନାମ ଚରଣ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ସମ୍ବଲପୁର ସାଂସଦ ପ୍ରାର୍ଥୀ ନଗେନ୍ଦ୍ର ପ୍ରଧାନ ଯୋଗଦେଇଥିଲେ। ସେହିପରି ବିଧାୟକ ପ୍ରାର୍ଥୀ ହିମାଂଶୁ ଶେଖର ଚାଉଳିଆ, ଓଡ଼ିଶା ପ୍ରଦେଶ କମିଟି ପଛୁଆ ବର୍ଗ ସେଲର ଅଧ୍ୟକ୍ଷ ବିଜୟାନନ୍ଦ ଚାଉଳିଆ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଠମଲ୍ଲିକ ନଗର କଂଗ୍ରେସ ସଭାପତି ଇଂ କମଳାକାନ୍ତ ପ୍ରଧାନ, ପ୍ରଦେଶ କଂଗ୍ରେସ କମିଟି ସମ୍ପାଦକ ଟିକନ ବେହେରା, ଅନୁଗୋଳ ଜିଲ୍ଲା କଂଗ୍ରେସ ପର୍ଯ୍ୟବେକ୍ଷକ ପ୍ରେମଶଙ୍କର ମିଶ୍ର, ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସାଧାରଣ ସମ୍ପାଦକ ପିକନ ବେହେରା, ଜିଲ୍ଲା ସାଧାରଣ ସମ୍ପାଦକ ପ୍ରଦୀପ ପ୍ରଧାନ, ଓବିସି ସେଲ୍ ଭାଇସ ଚେୟାରମ୍ୟାନ ଆଲୋକ କୁମାର ପ୍ରଧାନ, ଜିଲ୍ଲା ଉପସଭାପତି ଶତ୍ରୁଘ୍ନ ସାହୁ ମଞ୍ଚାସୀନ ଥିଲେ।

## ବିଶ୍ୱ ମାତୃତ୍ୱ ଦିବସ ପାଳିତ

**ତାଳଚେର ସହର, ୧୨।୫(ସମିସ):** ବିଶ୍ୱ ମାତୃତ୍ୱ ଦିବସରେ ଇଣ୍ଡିଆନ ମେଡିକାଲ ଆସୋସିସନ ଓମେନ୍ସ ଡକ୍ଟର ୱିଙ୍ଗ ଓ ମା' ଘର ଫାଉଣ୍ଡେସନ ଟ୍ରଷ୍ଟ ଆନୁକୂଲ୍ୟରେ ଏସ ଏସ ହସ୍ପିଟାଲ ପକ୍ଷରୁ ତାଳଚେର ସ୍ଥିତ ହୋଟେଲ ଗ୍ରୀନପାର୍କ ଠାରେ ଡାକ୍ତର ସୁସ୍ମିତା ସାହୁଙ୍କ ଅଧ୍ୟକ୍ଷତାରେ ମହିଳାଙ୍କ ଗହଣରେ ମାତୃତ୍ୱ ଦିବସ ପାଳନ ହୋଇଯାଇଛି। ଆଜିର ଦୁନିଆରେ ମା'ର ଭୂମିକାକୁ ନେଇ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ମା' ବସନ୍ତ ମଞ୍ଜରୀ ପ୍ରଧାନ, ସମ୍ମାନିତ ଅତିଥି ଭାବେ ବଶିଷ୍ଠ ସମାଜସେବୀ ତଥା ବରିଷ୍ଠ ଆଇନଜୀବୀ ଋତୁପର୍ଣ୍ଣା ମହାନ୍ତି, ସୁନୀତା ଗୁପ୍ତା, ସୁଷମା ଚୌଧୁରୀ ଯୋଗ ଦେଇଥିଲେ।



# ଗଦାଶିଳା ଓ ବିଜିଗୋଳ ପଞ୍ଚାୟତରେ ବିଜେଡିର ମହିଳା ସମାବେଶ

**କଣିହାଁ, ୧୨।୫(ସମିସ)**

କଣିହା ବ୍ଲକ ଏନଟିପିସି ଟାଉନ ଥାନା ଗଦାଶିଳା ଓ ବିଜିଗୋଳ ପଞ୍ଚାୟତରେ ବିଜେଡି ପକ୍ଷରୁ ମାତୃ ଦିବସ ଓ ମହିଳା ସମାବେଶ ରବିବାର ଅପରାହ୍ନରେ ଗଦାଶିଳା ଗୋଷ୍ଠୀ କେନ୍ଦ୍ରରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଅତିଥିଭାବେ ବ୍ଲକ ଅଧ୍ୟକ୍ଷ ରାମକୃଷ୍ଣ ପ୍ରଧାନ, ବିଜେଡି ମହିଳା ସଭାନେତ୍ରୀ ଖୁଲଣା ପ୍ରଧାନ, ବ୍ଲକ ଉପାଧ୍ୟକ୍ଷା ଜୟନ୍ତୀ ପ୍ରଧାନ, ମହିଳା ଉପ ସଭାନେତ୍ରୀ ରଶ୍ମିତା ପ୍ରଧାନ, ବିଜିଗୋଳ ସରପଞ୍ଚ ରୁକ୍ମଣୀ ପ୍ରଧାନ, ଗଦାଶିଳା ସରପଞ୍ଚ ବୃନ୍ଦାବନ ପ୍ରଧାନ, ସମିତ ସଭ୍ୟ ପ୍ରଦ୍ୟୁମ୍ନ ମହାପାତ୍ର, ଦିବ୍ୟଜ୍ୟୋତି ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ । ଏହି ମାତୃ ଦିବସ ସମାବେଶ ଅବସରରେ ଅତିଥିମାନେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ମିଶନ ଶକ୍ତି ମାଧ୍ୟମରେ ମହିଳା ସଶକ୍ତୀକରଣ, ତ୍ରିସ୍ତରୀୟ ପଞ୍ଚାୟତିରାଜରେ ମହିଳାମାନଙ୍କ ପାଇଁ ୫୦ ପ୍ରତିଶତ ସ୍ଥାନ ସଂରକ୍ଷଣ, ସାଧାରଣ ନିର୍ବାଚନ ବ୍ୟବସ୍ଥାରେ ୩୩ ପ୍ରତିଶତ ମହିଳାଙ୍କ ପାଇଁ ବିଜେଡି ପକ୍ଷରୁ ସଂରକ୍ଷିତ ସ୍ଥାନ ଦେଇ ସାମାଜ ଗଠନରେ ପ୍ରମୁଖ ଭୂମିକା ନେଇ ଆଲୋଚନା କରିଥିଲେ। ବିଜୁ ଜନତା ଦଳର ପକ୍ଷରୁ ନାରୀ ନେତ୍ରୀଙ୍କ ଦ୍ୱାରା ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ଲୋକାଭିମୁଖୀ କରାଯାଇଛି ।



ମିଶନ ଶକ୍ତି ମାଧ୍ୟମରେ ମାତୃଶକ୍ତି ମା'ମାନେ ଆତ୍ମନିର୍ଭରଶୀଳ ହୋଇ ଜୀବନଯାପନ କରିବା ପାଇଁ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି । ଏହି ସମାବେଶରେ ମହିଳା ବିଜେଡି ପକ୍ଷରୁ ନବୀନ ପଟ୍ଟନାୟକ ଙ୍କୁ ଷଷ୍ଠ ଥର ପାଇଁ ମୁଖ୍ୟମନ୍ତ୍ରୀ କରିବାକୁ ଦୃଢ଼ ନିଷ୍ପତ୍ତି ନିଆଯାଇଛି । ଢେଙ୍କାନାଳ ସଂସଦୀୟ କ୍ଷେତ୍ରରେ ବିଜେଡି ପକ୍ଷରୁ ସଂସାଦ ପ୍ରାର୍ଥୀ ଡ. ଅବିନାଶ ସାମଲ ଏବଂ ତାଳଚେର ବିଧାୟକ ପ୍ରାର୍ଥୀ ବ୍ରଜକିଶୋର ପ୍ରଧାନଙ୍କୁ ଯୋଡ଼ିଶଙ୍ଖ ଚିହ୍ନରେ ବିପୁଳ ସଂଖ୍ୟାରେ ମତଦାନ ଦେଇ ଜୟଯୁକ୍ତ କରିବାକୁ କଣିହାଁ ବ୍ଲକ ବିଜୁ ଜନତା ଦଳ ପକ୍ଷରୁ ସଂକଳ୍ପ ଗ୍ରହଣ କରାଯାଇଛି ।

## ଶିପୁର ଗ୍ରାମରେ ଅଷ୍ଟପ୍ରହର ନାମଯଜ୍ଞ

**କଣିହାଁ /ପବିତ୍ରନଗର ୧୨।୫(ସମିସ):** କଣିହା ବ୍ଲକ ସମଲ ଥାନା ଅନ୍ତର୍ଗତ କର୍ଣ୍ଣପାଳ ପଞ୍ଚାୟତ ଶିପୁର ଗ୍ରାମରେ ଦୁଇଦିନ ଧରି ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି । ରବିବାର ପ୍ରଭାତରୁ ପୁରୋହିତ ମୁରାରୀ ମିଶ୍ର ବିଧିମତେ କର୍ମନୀତିରେ କର୍ତ୍ତାଭାବେ ଗୌର ଚନ୍ଦ୍ର ସାମଲ, ପତ୍ନୀ ରମ୍ଭା ସାମଲ ଜଗତ କଲ୍ୟାଣ ନିମନ୍ତେ ବିଶ୍ୱ ଶାନ୍ତିଯଜ୍ଞ କାର୍ଯ୍ୟକ୍ରମ ସହଯୋଗ କରିଥିଲେ । ଏହି ଅହୋରାତ୍ର ନାମ ସଂକୀର୍ତ୍ତନ କାର୍ଯ୍ୟକ୍ରମ ଆଖାପାଖ ଅଞ୍ଚଳର ବହୁ ସଙ୍କୀର୍ତ୍ତନ ମଣ୍ଡଳୀ ଯୋଗଦେଇଥିଲେ। ଶୁକ୍ରବାର ପୂର୍ଣ୍ଣାହୁତି ସମାପନ ଉତ୍ସବ ଧୁମଧାମରେ ପାଳିତ ହେବ ବୋଲି କମିଟି ତରଫରୁ ପ୍ରକାଶ କରାଯାଇଛି । ଏହି ନାମଯଜ୍ଞ ଉତ୍ସବରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ସମେତ ଅନେକ ଶ୍ରଦ୍ଧାଳୁ ଭାଗବତ ପ୍ରେମୀ ଯୋଗଦେଇ ଗ୍ରାମବାସୀଙ୍କୁ ଉତ୍ସାହିତ କରିଥିଲେ । ଗ୍ରାମ କମିଟିର ସଭାପତି ବେଣୁଧର ସାମଲ, ସମ୍ପାଦକ ସୁବାଷ ଚନ୍ଦ୍ର ମହାନ୍ତି, ସହ ସମ୍ପାଦକ ଲମ୍ବୋଦର ବେହେରା, କୋଷାଧ୍ୟକ୍ଷ ଅନ୍ତର୍ଯ୍ୟାମୀ ବେହେରା, ଯଦୁମଣି ସାମଲ, ବିନୋଦ ସାମଲ, ଦାଶରଥି ସାମଲ ପ୍ରମୁଖ କାର୍ଯ୍ୟକ୍ରମକୁ ସୁପରିଚାଳନା କରିବା ଲାଗି ଗ୍ରାମ ପକ୍ଷରୁ ଦାୟିତ୍ୱ ଦିଆଯାଇଛି । ସମାପନ ଉତ୍ସବରେ କମିଟି ତରଫରୁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଛି ।

